# ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims

RNI Regd. No. :ODIMUL/2023/89182 Weekly Multilingual Rs - 5.00

ଭାଗ: ୩, ସଂଖ୍ୟା: ୮, ଭୁବନେଶ୍ୱର, ଜାନୁଆରୀ ୧୨ - ଜାନୁଆରୀ ୧୮, ୨୦୨୬, Vol: 3, Issue: 8, Bhubaneswar, January 12 - January 18, 2026 Pages- 8


# କାଣୀ ବିଲେଇ ଓ କୁଜି ଅସରପା ଉପାଖ୍ୟାନ

**ବିମଳ ଅଗ୍ରୱାଲ**

ଆଇପିଏଲ୍ ମ୍ୟାଚରେ ଶାହାରୁଖ ଖାନଙ୍କ ପ୍ରାୟୋଜିତ କୋଲକାତା ନାଇଟ ରାଇଡର (KKR) ଦ୍ୱାରା ବଙ୍ଗାଳାଦେଶୀ ଖେଳାଳି ମୁସ୍ତାଫିଜୁର ରହମନଙ୍କର ଅଧିଗ୍ରହଣକୁ ନେଇ କିଛି ଆତ୍ମଘୋଷିତ ହିନ୍ଦୁ ଧ୍ୱଜାଧାରୀ ଯେଉଁ ତୁମ୍ବିତୋଫାନ କଲେ ତାହା କେବଳ ଆତ୍ମପ୍ରଚାର ଓ ଉନ୍ମାଦନା ସୃଷ୍ଟିପାଇଁ ଉଦ୍ଦିଷ୍ଟ। ଆପିଏଲ୍ ନିଲାମରେ ଭାଗ ନେବାପାଇଁ ପ୍ରଥମେ ଉପଯୁକ୍ତ ଖେଳାଳି ସେମାନଙ୍କ ପିତୃ ସଂଗଠନ, ଆନ୍ତର୍ଜାତିକ ଖେଳାଳି ହୋଇଥିଲେ ସମ୍ପୃକ୍ତ ଦେଶର ଜାତୀୟ କ୍ରିକେଟ ବୋର୍ଡର NOC ଏବଂ ନିଜନିଜର ବେସ୍ ପ୍ରାଇସ୍ ସହ ବିସିସିଆଇ'କୁ ଦରଖାସ୍ତ କରନ୍ତି । ବିସିସିଆଇ ଦରଖାସ୍ତଗୁଡିକର ଅନୁଧ୍ୟାନ କରି ସେମାନନଙ୍କ କ୍ୟାରିଅର ଅନୁଯାୟୀ କ୍ୟାପ୍ଡ, ଅନକ୍ୟାପ୍ଡ ଓ ଫରେନ ଭାବେ ବର୍ଗୀକରଣ କରି ଆଇପିଏଲ୍ ଗଭର୍ଣିଂ କାଉନ୍ସିଲକୁ ପଠାନ୍ତି ଏବଂ ଶେଷରେ ଆଇପିଏଲ୍ ଗଭର୍ଣିଂ କାଉନ୍ସିଲ ନିଜର ଟିପ୍ପଣୀ ସହ ଏହା ଟିମ୍ ମାଲିକାନାକୁ ପଠେଇଥାନ୍ତି। ସବା ଶେଷରେ ଆସେ ଟିମ୍ ମାଲିକମାନଙ୍କର ଭୁମିକା। ସେମାନେ ନିଲାମରେ ଭାଗନେଇ ନିଜ ପସନ୍ଦ ଓ ସାମର୍ଥ୍ୟ ମୁତାବକ ଖେଳାଳିମାନଙ୍କୁ କିଣିଥାନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ବର୍ତ୍ତମାନ ବିସିସିଆଇର ଅଧ୍ୟକ୍ଷ୍ୟ ହେଉଛନ୍ତି ଭାଜପାର ସର୍ବେସର୍ବା ଅମିତ ଭାଇ ଶାହାଙ୍କର ପୁତ୍ର ଜୟ ଶାହା। ତାଙ୍କର କ୍ରିକେଟ ଖେଳକୁ କେଉଁ ବିଶିଷ୍ଟ ଅବଦାନ କିମ୍ବା ପରିଚାଳନାଗତ ଦକ୍ଷତାର ଟ୍ରାକ୍ ରେକର୍ଡ ପାଇଁ ସେ ଭାରତର ସର୍ବାଧିକ ବିତ୍ତଶାଳୀ କ୍ରୀଡା ସଂଗଠନର ସର୍ବୋଚ୍ଚ ପଦ ଅଧିକାର କରିଛନ୍ତି ତାହା ପୃଥକ୍ ପ୍ରସଙ୍ଗ, କିନ୍ତୁ ଆଇପିଏଲ୍ ପାଇଁ ଖେଳାଳି ତାଲିକା ପ୍ରସ୍ତୁତ କରିବାରେ ତ ତାଙ୍କର ଭୂମିକା ସର୍ବାଗ୍ରେ। ଆମେ ଗତ ବିଶ୍ୱକପରେ ବଙ୍ଗଳାଦେଶ ଓ ପାକିସ୍ତାନ ସହିତ ଭାଗ ନେବାବେଳେ ଏବଂ ଆସନ୍ତା ଫେବୃଆରୀରେ ହେବାକୁ ଥିବା ଟି-୨୦ ବିଶ୍ୱକପରେ ବି ସେହି ଦୁଇଦେଶ ସହିତ ଖେଳିବା ସମୟରେ ବଙ୍ଗଳାଦେଶରେ କଣ ହିନ୍ଦୁ ବିଦ୍ୱେଶ ନଥିଲା ନା ନଥିବ। ପ୍ରଶ୍ନ ତ ଜୟଶାହାଙ୍କୁ ହେବା କଥା- ପାକିସ୍ତାନ ଭଳି ବଙ୍ଗଳାଦେଶ ସହିତ କ୍ରିକେଟ ସମ୍ପର୍କକୁ ତ ଭାରତ ସରକାର ପ୍ରତିବନ୍ଧିତ କରିନାହାନ୍ତି। ପ୍ରଶ୍ନ ତ ଦେଶର ବୈଦେଶିକ ଓ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ହେବା କଥା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆଇପିଏଲ୍ ଯେତିକି ଖେଳ ତତୋଧିକ ବ୍ୟବସାୟ। ଏଥିରେ ହଜାର ହଜାର କୋଟି ଟଙ୍କାର କାରବାର ସଂଶ୍ଳିଷ୍ଟ । ଆଦାନୀ ସମେତ ଅନେକ ଭାରତୀୟ କମ୍ପାନୀମାନଙ୍କର ଏବେବି ବଙ୍ଗଳାଦେଶ ସହିତ ବ୍ୟବସାୟିକ ସମ୍ପର୍କ ଚାଲୁ ରହିଛି। ବଙ୍ଗଳାଦେଶ ସହିତ ଭାରତର ବ୍ୟବସାୟିକ ସମ୍ପର୍କ ମଧ୍ୟ ପ୍ରତିବନ୍ଧିତ ନୁହେଁ । ତେଣୁ ପ୍ରଶ୍ନ ଭାରତର ବାଣିଜ୍ୟ ମନ୍ତ୍ରୀଙ୍କୁ ହେବା କଥା ।



ଚର୍ଚ୍ଚିତ ମୁସ୍ତାଫିଜୁର୍ ପୂର୍ବରୁ ଆଇପିଏଲ୍ ମ୍ୟାଚରେ ଏକାଧିକ ଭାତୀୟ ଫ୍ରାଞ୍ଚାଇଜ ପାଇଁ ଖେଳିସାରିଛନ୍ତି। ଅଧିକାଂଶ ପାକିସ୍ତାନୀ ଖେଳାଳିଙ୍କ ଭଳି ତାଙ୍କର କୌଣସି ଭାରତ ବିରୋଧୀ ମନୋଭାବ କିମ୍ବା ମତାମତ କୌଣସି ସମୟରେ ପ୍ରକାଶ ପାଇନାହିଁ। ବଙ୍ଗଳାଦେଶରେ ଚାଲିଥିବା ହିନ୍ଦୁବିରୋଧୀ ଦଙ୍ଗାରେ ମଧ ତାଙ୍କର କୌଣସି ସମ୍ପୃକ୍ତି ନାହିଁ। ଏଇ ଅଳ୍ପଦିନ ତଳେ ବଙ୍ଗଳାଦେଶର ପୂର୍ବତନ ରାଷ୍ଟ୍ରପତି ଖଲିଦା ଜିଆଙ୍କ ମୃତ୍ୟୁରେ ସମ୍ବେଦନା ଜଣେଇବା ପାଇଁ ଭାରତର ବୈଦେଶିକ ମନ୍ତ୍ରୀ ବଙ୍ଗଳାଦେଶ ଯାଇଥିଲେ ଏବଂ ସେଠାକାର ବିତାଡିତ ପ୍ରଧାନମନ୍ତ୍ରୀ ଶେଖ ହସିନା ଏବେ ବି ଭାରତରେ ଶରଣ ନେଇଛନ୍ତି। ଏହି ଶେଖ ହସିନାଙ୍କ ପ୍ରନାନମନ୍ତ୍ରିତ୍ୱ ସମୟରେ ମଧ୍ୟ ବଙ୍ଗଳାଦେଶରେ ଶହେରୁ ଅଧିକ ନିରୀହ ହିନ୍ଦୁଙ୍କୁ ହତ୍ୟା କରାଯାଇଥିଲା । ଏହା ଅର୍ଥ ବଙ୍ଗଳାଦେଶ ସହିତ ଭାରତର କୁଟନୈତିକ ସମ୍ପର୍କ ଏବେ ବି ଚାଲୁ ରହିଛି। ଏଥିପାଇଁ ତ ପ୍ରଶ୍ନ ପ୍ରଧାନମନ୍ତ୍ରୀଙ୍କୁ ପଚାରିବା କଥା। କିନ୍ତୁ କିଛିବର୍ଷ ତଳେ ଗୋମାଂସ ରପ୍ତାନୀ କରୁଥିବା ଭାଜପା ନେତା ସଙ୍ଗିତ ସୋମ୍ ଓ ସମସ୍ତ ମାୟାମୋହରେ ବୁଡିରହି ସଂସାରକୁ ସନ୍ନ୍ୟାସର ପାଠ ପଢାଉଥିବା ଦେବକୀନନ୍ଦନ ଠାକୁରଙ୍କର ସେମାନଙ୍କୁ ପ୍ରଶ୍ନ ପଚାରିପାରିବାର ସାହସ ନାହିଁ। ଶାହାରୁଖ୍ ଜଣେ ଖାନ୍ ଏବଂ ଟିମ୍‌ର ନାମ କୋଲକୋତା ସଙ୍ଗେ ଯୋଡିହୋଇ ରହିଛି ଯେଉଁଠି ଅଳ୍ପ କିଛି ମାସ ପରେ ନିର୍ବାଚନ ହେବ। ଏଣୁ ରାଜନୈତିକ ପ୍ରଭୁମାନଙ୍କ ନିର୍ଦ୍ଦେଶରେ ଏ ନାଟକ। କାଣୀ ବିଲେଇର କୁଜି ଅସରପାମାନଙ୍କ ଉପରେ ରାଗ ସୁଝେଇଲା ଭଳି ଅସଲ ଦୋଷୀଙ୍କୁ ଛାଡି ଛୋଟମୋଟ ଲୋକଙ୍କୁ ଟାର୍ଗେଟ କରି ହଟଚମଟ ସୃଷ୍ଟି କରିବାର ଏହା ଏକ ରାଜନୈତିକ ଷଡ଼ଯନ୍ତ୍ର।

(ମତାମତ ଲେଖକଙ୍କ ନିଜସ୍ୱ)


ମୋବାଇଲ୍ : ୯୪୩୭୨୭୪୫୯୨





# ସମ୍ବଲପୁରରେ ଆରମ୍ଭ ହେଲା ଇ-ବସ୍ ସେବା



**ସମ୍ବଲପୁର (ଭିଓଭି) :** ସମ୍ବଲପୁରରେ ଇ-ବସ୍ ସେବାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଦୁଇଦିନିଆ ସମ୍ବଲପୁର ଗସ୍ତରେ ଆସିଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ତାଙ୍କ ପତ୍ନୀ ଡା.ପ୍ରିୟଙ୍କା ମାରାଣ୍ଡିଙ୍କ ସହିତ ମା' ସମଲେଶ୍ୱରୀଙ୍କ ଦର୍ଶନ କରିବା ପରେ ମନ୍ଦିର ନିକଟ ମହାନଦୀ ସମ୍ମୁଖରେ ଇ-ବସ୍ ସେବାର ଲୋକାର୍ପଣ କରିଥିଲେ । ସମ୍ବଲପୁରବାସୀଙ୍କ ଗମନାଗମନକୁ ସୁବ୍ୟବସ୍ଥିତ କରିବା ପାଇଁ ୨୫ଟି ନୂଆ ଇ-ବସ୍‌ର ଆରମ୍ଭ ହୋଇଛି । ଚଳିତ ମାସ ଶେଷ ସୁଦ୍ଧା ଆଉ ୨୫ଟି ଇ-ବସ୍‌ର ବ୍ୟବସ୍ଥା କରାଯିବ । ସମ୍ବଲପୁରରେ ସମୁଦାୟ ୫୦ଟି ଇ-ବସ୍ ଚାଲିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ବସ୍‌ଗୁଡ଼ିକର ପରିଚାଳନା ପାଇଁ ଅଇଁଠାପାଲିଠାରେ କ୍ୟାପିଟାଲ୍ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍)ର ଅତ୍ୟାଧୁନିକ ବସ୍ ଟର୍ମିନାଲ ମଧ୍ୟ ଆଜି ଉଦ୍‌ଘାଟନ କରାଯାଇଛି । ଏଥିସହିତ ଆଗାମୀ ୧୦ ବର୍ଷ ପର୍ଯ୍ୟନ୍ତ ଟର୍ମିନାଲ୍ ଓ ବସ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ୨୩୮ କୋଟି ୧୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ବସ୍‌ଗୁଡ଼ିକରେ ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ହ୍ୱିଲ୍ ଚେୟାରର ବ୍ୟବସ୍ଥା ସହିତ ଯାତ୍ରୀମାନଙ୍କ ସୁରକ୍ଷା ଓ ସୁବିଧା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି । ଡିଜିଟାଲ୍ ପେମେଣ୍ଟରେ ରିହାତି ବ୍ୟବସ୍ଥା ରହିଛି । ଇ-ବସ୍ ହୋଇଥିବାରୁ ପରିବେଶ ପ୍ରଦୂଷଣକୁ ହ୍ରାସ କରିବାରେ ଏହି ଯାନଗୁଡ଼ିକ ସହାୟକ ହେବ । ଗଣମାଧ୍ୟମର ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଲେ, ସମ୍ବଲପୁରରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖାଯାଇଛି । ସେ ନିଜେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟି ଏ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସପତ୍ନୀକ କିଛି ବାଟ ବସ୍‌ରେ ଯାତ୍ରା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରୀ ନାଏକ, ବିଜେପି ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେରଙ୍କ ସହିତ ଆର୍‌ଡିସି ସଚିନ ରାମଚନ୍ଦ୍ର ଯାଦବ, ଆଇଜି ହିମାଂଶୁ ଲାଲ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଉପସ୍ଥିତ ଥିଲେ ।

# କୋହଳ ହେଲା ପ୍ରଦୂଷଣ ସାର୍ଟିଫିକେଟ ଯାଞ୍ଚ




**ଭୁବନେଶ୍ୱର (ଭିଓଭି) :** ଏପ୍ରିଲ ପହିଲା ଯାଏଁ କୋହଳ ହେଲା ପ୍ରଦୂଷଣ ସାର୍ଟିଫିକେଟ ଯାଞ୍ଚ । ଏ ନେଇ ସୂଚନା ଦେଇଛନ୍ତି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ । ଏହାସହ ଟୋଲଗେଟରେ ଇ-ଡିଟେକ୍ସନ କଟୁଥିବା ଜରିମାନାକୁ ମଧ୍ୟ ସ୍ଥଗିତ ରଖାଯାଇଛି । ଅନ୍ୟପକ୍ଷରେ ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ମୋଟର ଯାନ ଆଇନ ଅନୁଯାୟୀ ଲାଗୁ ହେଉଥିବା ୧୦ହଜାର ଟଙ୍କା ଜରିମାନାକୁ କମାଇବା ନେଇ ତର୍ଜମା କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରଦୂଷଣ ସୃଷ୍ଟି କରୁଥିବା ଗାଡ଼ି ବ୍ୟବହାର ନକରିବାକୁ ନିବେଦନ

- ଏପ୍ରିଲ୍ ପହିଲା ଯାଏଁ କଟିବନି ପ୍ରଦୂଷଣ ଚାଲାଣ
- ଟୋଲ୍‌ଗେଟରେ ଇ-ଡିଟେକ୍ସନ ବ୍ୟବସ୍ଥାରେ ବି କଟିବନି ଚାଲାଣ
- ପ୍ରଦୂଷଣ ଜରିମାନା ରାଶିର ତର୍ଜମା ପାଇଁ ମଧ ମନ୍ତ୍ରୀଙ୍କ ନିର୍ଦ୍ଦେଶ
- ପ୍ରଦୂଷଣ ସୃଷ୍ଟି କରୁଥିବା ଗାଡ଼ି ବ୍ୟବହାର ନକରିବାକୁ ନିବେଦନ
- ଅବଧି ମଧ୍ୟରେ ବାଧ୍ୟତାମୂଳକ ପ୍ରଦୂଷଣ ପ୍ରମାଣପତ୍ର
- ଓଡ଼ିଶାରେ ମାତ୍ର ୨୧ ପ୍ରତିଶତ ଗାଡ଼ି ପ୍ରଦୂଷଣ ମୁକ୍ତ
- ସଚେତନତା ବୃଦ୍ଧି ଲାଗି ପ୍ରଦୂଷଣ ପ୍ରମାଣପତ୍ରକୁ ଗୁରୁତ୍ୱ

କରିଛନ୍ତି ମନ୍ତ୍ରୀ । ଏହି ଅବଧି ମଧ୍ୟରେ ମୋଟର ଯାନ ଆଇନ ଅନୁଯାୟୀ ବାଧ୍ୟତାମୂଳକ ପ୍ରଦୂଷଣ ପ୍ରମାଣପତ୍ର କରାଇନେବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି, ଗାଡ଼ିର ପ୍ରଦୂଷଣ ଯାଞ୍ଚ କରିବା ସମସ୍ତଙ୍କ ଦାୟିତ୍ୱ । ବାୟୁ ଗୁଣବତ୍ତା ଦିନକୁ ଦିନ ଖରାପ ହେଉଛି । ଏହାର ସୁଧାର ଦିଗରେ କାର୍ଯ୍ୟ କରିବା ସମସ୍ତଙ୍କ କର୍ତ୍ତବ୍ୟ । ସେଥିପାଇଁ ପରିବହନରେ ପରିବେଶ ସୁରକ୍ଷାକୁ ଲକ୍ଷ୍ୟ ରଖି ପ୍ରଦୂଷଣ ଯାଞ୍ଚ ପାଇଁ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଇଛି । ମୋଟର ଯାନ ଆଇନ ଅନୁଯାୟୀ ଏହା ବାଧ୍ୟତାମୂଳକ ମଧ୍ୟ । ଓଡ଼ିଶାରେ ମାତ୍ର ୨୧ ପ୍ରତିଶତ ଗାଡ଼ିରେ ପ୍ରଦୂଷଣ ପ୍ରମାଣପତ୍ର ରହିଛି । ଅନେକ ଗାଡ଼ି ଏହି ନିୟମର ବ୍ୟାପକ ଉଲ୍ଲଙ୍ଘନ କରୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ଏ ଦିଗରେ ସଚେତନତା ବୃଦ୍ଧି କରିବାକୁ ପ୍ରଦୂଷଣ ପ୍ରମାଣପତ୍ରକୁ ଗୁରୁତ୍ୱ ଦିଆଯାଇଛି । ତେବେ ଜନସାଧାରଣ ସମସ୍ୟାର ସମ୍ମୁଖୀନ ହେଉଥିବାର ସେମାନଙ୍କ ସୁବିଧା ପାଇଁ କଟକଣା କୋହଳ ପାଇଁ ନିଷ୍ପତ୍ତି ନିଆଯାଇଛି ।

# ଏଣିକି ସପ୍ତାହେ ଅନୁପସ୍ଥିତ ରହିଲେ ଛାତ୍ରଛାତ୍ରୀଙ୍କ ଘରକୁ ଯିବେ ଶିକ୍ଷକ



**ଡ୍ରପ୍‌ଆଉଟ୍ ରୋକିବାକୁ ସରକାରଙ୍କ ବଡ଼ ପଦକ୍ଷେପ**

**ଭୁବନେଶ୍ୱର (ଭିଓଭି) :** ରାଜ୍ୟରେ ସ୍କୁଲ୍ ପାଠପଢ଼ା ଅଧାରୁ ଛାଡୁଥିବା ପିଲାଙ୍କ ସଂଖ୍ୟାକୁ ନେଇ ଏବେ ଚିନ୍ତାରେ ରାଜ୍ୟ ସରକାର । ବିଶେଷ କରି ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ବଢୁଥିବା 'ଡ୍ରପ୍‌ଆଉଟ୍' ହାରକୁ କମାଇବା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ କଠୋର ତଥା ପ୍ରଶଂସନୀୟ ପଦକ୍ଷେପ ନିଆଯାଇଛି । ଏଣିକି ପିଲାମାନେ ସ୍କୁଲରୁ ଦୂରେଇ ରହିଲେ ସରକାର ସେମାନଙ୍କୁ ପୁଣି ଶିକ୍ଷାଦାନର ମୂଳସ୍ରୋତକୁ ଫେରାଇ ଆଣିବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି । ନୂତନ ନିୟମ ଅନୁଯାୟୀ, ଯଦି କୌଣସି ଛାତ୍ର ବା ଛାତ୍ରୀ କ୍ରମାଗତ ଭାବେ ୭ ଦିନ ସ୍କୁଲ୍‌କୁ ଅନୁପସ୍ଥିତ ରୁହନ୍ତି, ତେବେ ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କ ଘରକୁ ଯିବେ । ଶିକ୍ଷକ ପିଲାଟିର ଘରେ ପହଞ୍ଚି ତାର ଅନୁପସ୍ଥିତିର ପ୍ରକୃତ କାରଣ ଖୋଜିବେ । ପିଲାଟି କାହିଁକି ସ୍କୁଲ ଆସୁନାହିଁ, ସେନେଇ ଅଭିଭାବକଙ୍କ ସହ ଆଲୋଚନା କରିବେ ଏବଂ ସେମାନଙ୍କୁ ବୁଝାଇ ପିଲାକୁ ପୁଣି ସ୍କୁଲକୁ ଆଣିବାକୁ ଚେଷ୍ଟା କରିବେ । ସୂଚନାଯୋଗ୍ୟ ଯେ, ଗତ କିଛି ମାସ ତଳେ ରାଜ୍ୟରେ ଡ୍ରପ୍‌ଆଉଟ୍ ପିଲାଙ୍କ ସଂଖ୍ୟା ବଢୁଥିବା ନେଇ ଏକ ଚିନ୍ତାଜନକ ରିପୋର୍ଟ ସାମ୍ନାକୁ ଆସିଥିଲା । ଅନେକ ସ୍କୁଲରେ ପିଲାମାନେ ପଢ଼ିବାକୁ ଅନିଚ୍ଛା ପ୍ରକାଶ କରି ପାଠ ଛାଡୁଥିବା ଏହି ରିପୋର୍ଟରେ ଦର୍ଶାଯାଇଥିଲା । ଏହି ସମସ୍ୟାର ସମାଧାନ ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀ ଏବଂ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ବିଧିବଦ୍ଧ ଭାବେ ଚିଠି ଲେଖି ନିର୍ଦ୍ଦେଶ ଦିଆଯାଇଛି । ସରକାରଙ୍କ ଏହି ପ୍ରୟାସ ଦ୍ୱାରା ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ହେବ ଏବଂ ଛାତ୍ରଛାତ୍ରୀଙ୍କ ସମସ୍ୟାକୁ ଶିକ୍ଷକମାନେ ନିକଟରୁ ବୁଝିପାରିବେ । ରାଜ୍ୟରେ ଶିକ୍ଷା ହାର ବଢ଼ାଇବା ଏବଂ ପ୍ରତ୍ୟେକ ଶିଶୁକୁ ଶିକ୍ଷାର ଅଧିକାର ପ୍ରଦାନ କରିବା ଲକ୍ଷ୍ୟରେ ସରକାର ଏଭଳି ବଡ଼ ପଦକ୍ଷେପ ନେଇଛନ୍ତି ।

# ମୃତକଙ୍କ ନାଁରେ ରାସନ ଉଠାଇଲେ ଗଣିବେ ଦେଢ଼ଗୁଣା ଦଣ୍ଡ


**ଭୁବନେଶ୍ୱର (ଭିଓଭି) :** ମୃତ ରାସନ କାର୍ଡଧାରୀଙ୍କ ନାଁରେ ରାସନ ସାମଗ୍ରୀ ଉଠାଇଲେ ଏଣିକି କଡ଼ା କାର୍ଯ୍ୟାନୁଷ୍ଠାନ । ମୃତ୍ୟୁ ତାରିଖଠାରୁ ଗ୍ରହଣ ହୋଇଥିବା ସାମଗ୍ରୀର ମୂଲ୍ୟ ସଂପୃକ୍ତ ପରିବାରଠାରୁ ଦେଢ଼ ଗୁଣ ହାରରେ ଆଦାୟ ହେବ । ଓଡ଼ିଶାର ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସଂଶୋଧିତ ଆଦେଶ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରି ମିଳିଛି । ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ହୋଇଥିବା କ୍ୟାବିନେଟ୍ ବୈଠକରେ ୮ଟି ବିଭାଗର ୧୧ଟି ପ୍ରସ୍ତାବ ମଧ୍ୟରେ ଏହି ପ୍ରସ୍ତାବ ମଧ୍ୟ ପାରିତ ହୋଇଛି । ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛନ୍ତି । ସାଧାରଣ ବଣ୍ଟନ ବ୍ୟବସ୍ଥା ନିୟମର ସଂଶୋଧନ କରିବାର ଉଦ୍ଦେଶ୍ୟ ଠକେଇକୁ ରୋକିବା ସହ ଆରସିଏମ୍‌ଏସ୍ ତଥ୍ୟକୁ ସୁନିଶ୍ଚିତ କରିବା ଓ ସରକାରୀ ସଂପଦକୁ ସୁରକ୍ଷା କରିବା ବୋଲି ସେ କହିଛନ୍ତି । ଅନ୍ତ୍ୟୋଦୟ ଅନ୍ନ ଯୋଜନା ଅଧୀନରେ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ କ୍ୟାବିନେଟ୍‌ରେ ଏହି ବଡ଼ ନିଷ୍ପତ୍ତି ନିଆଯାଇଛି ।



କାର୍ତ୍ତିକ ଚନ୍ଦ୍ର ପଣ୍ଡା

# ନେପାଳ

## ଜଣାଅଜଣା



ହିମାଳୟ ତରାଇରେ ଅବସ୍ଥିତ ନେପାଳ, ଦକ୍ଷିଣ ଏସିଆର ପ୍ରାଚୀନତମ ଦେଶ ଅଟେ। ଏହାର ଅଧିକୃତ ନାମ ଫେଡରାଲ ଡେମୋକ୍ରାଟିକ ରିପବ୍ଲିକ ଅଫ ନେପାଳ । ଏହାର ଉତ୍ତରରେ ଚାଇନା ଓ ଦକ୍ଷିଣରେ ଭାରତ ଅବସ୍ଥିତ । ଏହା ଭାରତର ସିଲିଗୁଡି କରିଡୋର ଦ୍ୱାରା ବାଂଲାଦେଶରୁ ଓ ସିକିମ ରାଜ୍ୟ ଦ୍ୱାରା ଭୁଟାନରୁ ବିଚ୍ଛିନ୍ନ ହୋଇଛି । ଭାରତ ସହିତ ନେପାଳର ଦୀର୍ଘ ୧୭୭୦ କିଲୋମିଟର ସୀମାରେଖା ରହିଛି । ସୁଉଚ୍ଚ ହିମାଳୟ ପର୍ବତ ଶୃଙ୍ଖଳା, ସିନ୍ଧୁ- ଗାଙ୍ଗେୟ ସମତଳ ଭୂମି, ଓ ଅଭିନବ ପ୍ରାକୃତିକ ଶୋଭାରାଜିରେ ପରିପୂର୍ଣ୍ଣ ଏହି କ୍ଷୁଦ୍ର ହିନ୍ଦୁ ବହୁଳ ଦେଶଟି, ବିଶ୍ୱବାପୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ ।

କୁହାଯାଏ, ଜେନୈକ 'ନେ' ନାମକ ରଷିଙ୍କର କାଠମାଣ୍ଡୁ ଏକ ତପୋଭୂମି ଥିଲା। ସେ ନେପାଳର ପ୍ରତିଷ୍ଠାତା ବୋଲି ଏହାର ନାମକରଣ ଏପରି ହୋଇଛି । ତିବ୍ବତ ଭାଷାରେ ନେପାଳକୁ 'ନେପା' କୁହାଯାଏ। 'ନେ' ର ଅର୍ଥ ମଧ୍ୟଭାଗ ଓ 'ପା' କୁ ଦେଶ ବୁଝାଯାଏ । ନେପାଳର କ୍ଷେତ୍ରଫଳ ୧୪୭୫୧୬ ବର୍ଗ କିଲୋମିଟର ଓ ଲୋକ ସଂଖ୍ୟା ପ୍ରାୟ ୩ କୋଟି । କାଠମାଣ୍ଡୁ ନେପାଳର ବଡ ସହର ଓ ରାଜଧାନୀ । ଆଗରୁ ଏକ ବିରାଟ ହ୍ରଦ ଥିବା ଏହି ଆନ୍ତର୍ଜାତିକ ସହରକୁ 'ସିଟି ଅଫ ଗ୍ଲୋରି' କୁହାଯାଏ । ପୋଖରା, ବିରାଟନଗର, ଲଳିତପୁର, ଜନକପୁର ଆଉ ଅନେକ ଛୋଟବଡ ସହର ନେପାଳରେ ରହିଛି । ଲୋକସଂଖ୍ୟାର ୮୧ ପ୍ରତିଶତ ହିନ୍ଦୁ, ୯ ପ୍ରତିଶତ ବୌଦ୍ଧ, ୪ ପ୍ରତିଶତ ମୁସଲମାନ ଓ ଅନ୍ୟ ଧର୍ମାବଲମ୍ବୀମାନେ ବାସକରନ୍ତି । କେବଳ କାଠମାଣ୍ଡୁ ସହରରେ ୧୫ ଲକ୍ଷ ଲୋକ ବାସ କରନ୍ତି ।

ଏକ ଗରିବ ରାଷ୍ଟ୍ର ହେଲେ ମଧ୍ୟ ନେପାଳ ଏକ ପୁରାତନ ସଂସ୍କୃତି ସଂପର୍ଣ୍ଣ ସ୍ୱାଭିମାନୀ ରାଷ୍ଟ୍ର ,ଯାହାକି ଅନ୍ୟ କୌଣସି ବିଦେଶୀ ରାଷ୍ଟ୍ର ଦ୍ୱାରା ଶାସିତ ହୋଇ ନାହିଁ । କୃଷି ଓ ପର୍ଯ୍ୟଟନ ଉପରେ, ଏହି ଦେଶର ଅର୍ଥନୀତି ମୁଖ୍ୟତଃ ନିର୍ଭର କରିଥାଏ । ଏହି ଦେଶର ଜିଡିପି ୨୦୬୫.୭୨ କୋଟି ଆମେରିକୀୟ ଡଲାର । ଏହାର ମୁଦ୍ରା ନେପାଳ ଟଙ୍କା । ଭାରତର ଏକ ଟଙ୍କାର ମୂଲ୍ୟ ନେପାଳରେ ୧ ଟଙ୍କା ୬୦ ପଇସା ତେବେ ଭାରତୀୟ ମୁଦ୍ରା ନେପାଳରେ ଗ୍ରହଣୀୟ । ଛୋଟ ବଡ଼ ସବୁ ବ୍ୟବସାୟୀ ଭାରତ ମୁଦ୍ରାକୁ ବିନା ଦ୍ୱିଧାରେ ଗ୍ରହଣ କରନ୍ତି । ନେପାଳକୁ ଯିବା ପାଇଁ ଭାରତୀୟ ମାନଙ୍କ ପାଇଁ କୌଣସି ପାସପୋର୍ଟ କିମ୍ବା ଭିସା ଆବଶ୍ୟକ ପଡି ନଥାଏ । ପଶ୍ଚିମବଙ୍ଗ, ବିହାର, ଉତ୍ତରପ୍ରଦେଶ, ଓ ଓ ଉତ୍ତରାଖଣ୍ଡ ରାଜ୍ୟ ସୀମାରୁ ନେପାଳକୁ ଯିବା ପାଇଁ ଅନେକ ଛୋଟ ବଡ ପ୍ରବେଶ ପଥ ରହିଛି ।

ନେପାଳ ପରିଭ୍ରମଣରେ ଏକ ନିଆରା ଅନୁଭୂତି ମିଳେ । ଏହା ଏକ ବିଦେଶୀ ରାଷ୍ଟ୍ର ବୋଲି ଆଦୌ ଅନୁଭବ ହୁଏ ନାହିଁ ।



ଛୋଟବଡ ମନ୍ଦିର, ହିନ୍ଦୁ ଦେବଦବୀଙ୍କ ପୂଜାପାଠ, ଯଜ୍ଞାନୁଷ୍ଠାନ ଆଦି ପରିଲକ୍ଷିତ ହୁଏ । କାଠମାଣ୍ଡୁ ସ୍ଥିତ ପ୍ରସିଦ୍ଧ ଶୈବପୀଠ,ପଶୁପତିନାଥ ମନ୍ଦିର ହିନ୍ଦୁମାନଙ୍କ ଏକ ପ୍ରମୁଖ ତୀର୍ଥକ୍ଷେତ୍ର । ଏହାର ସଠିକ ନିର୍ମାଣକାଳ ଜଣାନଥିଲେ ବି ଖ୍ରୀଷ୍ଟପୂର୍ବ ୪୦୦ ବୋଲି ଅନୁମାନ କରାଯାଏ ତେବେ ବିଭିନ୍ନ ସମୟରେ ମନ୍ଦିରର ମୂଳ ଢାଞ୍ଚାକୁ ପରିବର୍ତ୍ତନ କରାଯାଇଛି । ଏହାଛଡା ମା ସୀତାଙ୍କ ଜନ୍ମସ୍ଥାନ ଜନକପୁର, ବୁଢ଼ା ନୀଳକଣ୍ଠ ମନ୍ଦିର, ମନୋକାମନା ମନ୍ଦିର , ଅନେକ ବୌଦ୍ଧସ୍ତୁପ, ମଠମନ୍ଦିର ଓ ପ୍ରାଚୀନ କୀର୍ତ୍ତିରାଜି ସବୁ ଦେଖିବାକୁ ମିଳେ । ହିନ୍ଦୁ, ବୌଦ୍ଧ, ମୁସଲମାନ ଓ ଅନ୍ୟ ଧର୍ମାବଲମ୍ବୀଙ୍କ ମଧ୍ୟରେ ଅପୂର୍ବ ଭାଇଚାରା ଓ ଧାର୍ମିକ ସଂହତି ପରିଦୃଷ୍ଟ ହୁଏ ।

ନେପାଳର ଜାତୀୟ ପତାକା ବିଶ୍ୱରେ ସବୁଠାରୁ ସ୍ୱତନ୍ତ୍ର । ଏହା ଅନ୍ୟ ଦେଶମାନଙ୍କ ପରି ବର୍ଗାକାର କିମ୍ବା ଆୟତାକୃତି ନୁହେଁ । ଦୁଇଟି ତ୍ରିଭୂଜାକୃତି ପତାକାକୁ ସଂଲଗ୍ନ କରି ସେଥିରେ ଚନ୍ଦ୍ର ଓ ଆଉ ସୂର୍ଯ୍ୟ ଚିହ୍ନକୁ ସ୍ଥାନୀତ କରାଯାଇଛି । ଏହାର ଜାତୀୟ ପଶୁ ଗାଈ ଓ ଜାତୀୟ ପକ୍ଷୀ ମୋନାଲ (Lofpoforous) ।୨୮-୦୫-୨୦୦୮ ରେ ରାଜତନ୍ତ୍ରର ବିଲୋପ ଘଟି ସଂଘୀୟ ସଂସଦୀୟ ଶାସନ ଞ ( ଧର୍ମନିରପେକ୍ଷ ) ପ୍ରଚଳିତ । ଆମଭଳି ନେପାଳ ପାର୍ଲିଆମେଣ୍ଟରେ ଦୁଇଟି ସଦନ ଥାଏ । ନ୍ୟାସନାଲ ଆସେମ୍ବ୍ଲିକୁ ସଦସ୍ୟମାନେ ଭୋଟରମାନଙ୍କ ଦ୍ୱାରା ର୍ନିବାଚିତ ହୁଅନ୍ତି । ୨୦-୦୯-୨୦୧୫ ରେ ପ୍ରଣୀତ ସମ୍ବିଧାନ ଅନୁସାରେଫେଡରାଲ ରିପବ୍ଲିକ କାର୍ଯ୍ୟ କରୁଛି । ସାକ୍ଷରତା ହାର ୬୭.୯୧ ପ୍ରତିଶତ ।

ନେପାଳର ସମୟ ସାରଣୀ ୪୫ ମିନିଟ ପଛୁଆ ଚାଲିଥାଏ । ଏହା ବିଶ୍ୱ ନିର୍ଦ୍ଧାରିତ ଟାଇମଜୋନ ପରିବର୍ତ୍ତେ ହିମାଳୟର ଆଞ୍ଚଳିକ ସମୟାନୁସାରେ ନିର୍ଦ୍ଧାରିତ ହୋଇଥାଏ । ଏହାର ସ୍ୱତନ୍ତ୍ର କ୍ୟାଲେଣ୍ଡର ବିକ୍ରମସମ୍ଭତ ଅନୁସାରେ ହୋଇଥାଏ । ନେପାଳ କ୍ୟାଲେଣ୍ଡର ଅନୁସାରେ ବର୍ତ୍ତମାନ ୨୦୭୮ ବର୍ଷ ।ପ୍ରତିବର୍ଷ ଅପ୍ରେଲ ୧୪ ତାରିଖରେ ନେପାଳରେ ନୂଆ ବର୍ଷ ପାଳନ କରାଯାଏ । ସାପ୍ତାହିକ ଛୁଟି ରବିବାର ପରିବର୍ତ୍ତେ ଶନିବାର ହୋଇଥାଏ । ନେପାଳରେ ୯୦ ପ୍ରତିଶତ ବିବାହ, ଅଭିଭାବକମାନେ ହିଁ ସ୍ଥିର କରିଥାନ୍ତି। ବିବାହ ପୂର୍ବରୁ ଜାତକ ମେଳକ ଉପରେ ଗୁରୁତ୍ୱ ଦିଆଯାଏ ।



ନେପାଳରେ ସମୁଦାୟ ୧୦ ଟି ଧର୍ମ, ୭୦ ରୁ ଅଧିକ ଜାତି ଓ ୧୨୩ ଟି ଭାଷାର ଲୋକ ବାସ କରୁଥିଲେ ହେଁ ସାମ୍ପ୍ରଦାୟିକ ସୌହାର୍ଦ୍ଦ ବଜାୟ ରଖନ୍ତି । ଏଠାରେ କେବେ ବି ସାମ୍ପ୍ରଦାୟିକ ଦଙ୍ଗା ଘଟି ନାହିଁ । ନେପାଳର ଲୋକମାନେ ଆମଭଳି ହାତଯୋଡି ନମସ୍କାର କରନ୍ତି। ଭାତ, ଡାଲି ଓ ତରକାରୀ ସେମାନଙ୍କ ରାଷ୍ଟ୍ରୀୟ ବ୍ୟଞ୍ଜନ ଅଟେ । ସେମାନେ ସକାଳ ୮ଟା ଓ ରାତି ୮ବେଳେ ଦୁଇଥର ମୁଖ୍ୟ ଭୋଜନ କରନ୍ତି । ମଝିରେ ସେମାନେ ଜଳଖିଆ ଖାଇଥାନ୍ତି । ମୋମୋ ସେମାନଙ୍କ ର ପସନ୍ଦର ଖାଦ୍ୟ । ଆମିଷ ଖାଦ୍ୟର ପ୍ରଚଳନ ବି ଅଧିକ ତେବେ ଗୋମାଂସ ଉପରେ ଶକ୍ତ କଟକଣା ରହିଛି ।

ବିଦ୍ୟୁତ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇନଥିବାରୁ ବିଦ୍ୟୁତକାଟ ନେପାଳର ଏକ ଗତାନୁଗତିକ ଘଟଣା ।ଏପରିକି ରାଜଧାନୀ କାଠମାଣ୍ଡୁ ମଧ୍ୟ ବାଦପଡି ନଥାଏ । ଦୈନିକ ୫ ଘଣ୍ଟାରୁ ୧୨ ଘଣ୍ଟା ବିଦ୍ୟୁତକାଟ ହୋଇଥାଏ । ଭଲିବଲ ନେପାଳର ଜାତୀୟ ଖେଳ । ତେବେ କ୍ରିକେଟ ଖେଳ ପ୍ରତି ଏବେ ଆଗ୍ରହ ବଢୁଛି । ଏଲିଫ୍ୟାଣ୍ଟ ପୋଲ୍ ଗେମର ଉତ୍ପତ୍ତି ନେପାଳର ମେଘୋଲିରୁ ହୋଇଥିଲା । ନେପାଳର ଟାଇଗର ଟପ ଏହାର ମୁଖ୍ୟ କାର୍ଯ୍ୟାଳୟ ଓ ଏହା ୱାର୍ଲ୍ଡ ଏଲିଫ୍ୟାଣ୍ଟ ପୋଲ ଚମ୍ପିୟାନସିପର ଆୟୋଜକ ଅଟେ ନେପାଳର ଦୁର୍ଦ୍ଦଶ ଗୋର୍ଖା ବାହିନୀ ପ୍ରଥମେ ୧୭୬୦ ମସିହାରେ ବ୍ରିଟିଶ ସେନାରେ ଯୋଗ ଦେଇଥିଲେ । ଏବେ ବି ଭାରତୀୟ ସେନାରେ ଗୋର୍ଖା ବାହିନୀରେ ନିଯୁକ୍ତି ଓ ସ୍ୱତନ୍ତ୍ର ପରିଚୟ ରହିଛି । ଭାରତରେ କର୍ମ ସଂସ୍ଥାନ ପାଇଁ ନେପାଳର ନାଗରିକ ମାନଙ୍କୁ କୌଣସି କଟକଣା ନାହିଁ।

ନେପାଳ ପଶୁ-ପକ୍ଷୀ ମାନଙ୍କପାଇଁ ଭୂସ୍ୱର୍ଗ କହିଲେ ଅତ୍ୟୁକ୍ତି ହେବନାହିଁ । ୬୮୦ ରୁ ଅଧିକ ପ୍ରଜାତିର ପକ୍ଷୀ କେବଳ ନେପାଳରେ ଦେଖାଯାନ୍ତି ଯାହାକି ସମଗ୍ର ଉତ୍ତର ଆମେରିକା ଓ ୟୁରୋପର ପକ୍ଷୀ ସଂଖ୍ୟା ଠାରୁ ଅଧିକ । ୨୬ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀଙ୍କୁ ନେପାଳ ସରକାର ସଂରକ୍ଷିତ ପଶୁ ଭାବେ ଘୋଷଣା କରିଛନ୍ତି । ହିମ-ତେନ୍ଦୁଆ ଏକଶିଙ୍ଗ ବିଶିଷ୍ଟ ଗଣ୍ଡା ଓ ମହାବଳ ବାଘ ନେପାଳର ଘଞ୍ଚ ଜଙ୍ଗଲରେ ଅବାଧରେ ବିଚରଣ କରନ୍ତି । ଗୟଳକୁ ପର୍ବତ ଶୀଖରରେ ମାଲ ପରିବହନ କ୍ଷେତ୍ର ରେ ନିୟୋଜିତ କରାଯାଏ ।

ନେପାଳରେ ଫୁଲର ଅପର୍ଯ୍ୟାପ୍ତ ସମ୍ଭାର ଦେଖିବାକୁ ମିଳେ । ସମୁଦାୟ ୫୯୮୦ ପ୍ରଜାତିର ଫୁଲ ଓ ୬୫୦ ପ୍ରଜାତିର ପ୍ରଜାତିର ପ୍ରଜାପତି ,କେବଳ ନେପାଳରେ ଦୃଶ୍ୟମାନ ହୁଅନ୍ତି । ନେପାଳର ବଣ ଜଙ୍ଗଲ, ଔଷଧୀୟ ବୃକ୍ଷଲତାରେ ପରିପୂର୍ଣ୍ଣ । ବାଡ଼ିବଗିଚା, ସଡକପାର୍ଶ୍ୱ ସବୁଆଡେ ଗଞ୍ଜେଇ ଗଛ ଘାସଭଳି, ଦୃଷ୍ଟିଗୋଚର ହୁଏ। ଏଗୁଡିକ ସେଠାରେ ପ୍ରାକୃତିକଭାବେ ବଢ଼ିଥାଏ । ବିଶ୍ୱ ଐତିହ୍ୟ ପର୍ଯ୍ୟଟନ ତାଲିକାରେ ନେପାଳର ୪ଟି ସ୍ଥାନ ରହିଛି । ସେଗୁଡିକ ହେଲା, କାଠମାଣ୍ଡୁ ସହର, ଲୁମ୍ବିନୀ (ଭଗବାନ ବୁଦ୍ଧଙ୍କ ଜନ୍ମସ୍ଥାନ) ଚଉବନ ଓ ସାଗରମଥା ନ୍ୟାସନାଲ ପାର୍କ ।

୮୦୦୦ ମିଟରରୁ ଅଧିକ ଉଚ୍ଚତା ବିଶିଷ୍ଟ ,୧୪ଟି ପର୍ବତ ଶୃଙ୍ଗରୁ ୮ଟି କେବଳ ହିମାଳୟରେ । ସେ ଗୁଡିକ ହେଲା, ମାଉଣ୍ଟ ଏଭେରେଷ୍ଟ (୮୮୪୮ମି.) କାଞ୍ଚନଜଙ୍ଘା ହୋଲସ୍ତେ, ମକାଲୁ, ଚୋଲୋୟୁ, ଧୌଲାଗିରି, ମନାସଲୁ, ଓ ଅନ୍ନପୂର୍ଣ୍ଣା । ହିମାଳୟ ପର୍ବତମାଳାରୁ ବାହାରିଥିବା ୧୯ ନଦୀ ଭାରତରେ ପ୍ରବାହିତ । ପ୍ରମୁଖନଦୀ ଗୁଡିକ ହେଲା, ଗଙ୍ଗା, ଜମୁନା, ବ୍ରହ୍ମପୁତ୍ର ଓ ସିନ୍ଧୁ । ନେପାଳରେ ପ୍ରବାହିତ ହେଉଥିବା ସବୁଠାରୁ ଦୀର୍ଘତମ କର୍ଣ୍ଣାଲି ନଦୀର ଲମ୍ବ ୧୦୮୦ କିଲୋମିଟର ।

ନେପାଳର ଗଣ୍ଡୁକି ନଦୀରୁ ଶାଳଗ୍ରାମ ସଂଗ୍ରହ କରାଯାଏ । ପାର୍ବତ୍ୟାଞ୍ଚଳ ହୋଇଥବାରୁ ନେପାଳର ରେଳପଥ କେବଳ ୫୦ କିଲୋମିଟରରେ ସୀମିତ । ତେବେ ଛୋଟବଡ ୪୭ ଟି ବିମାନଘାଟି ରହିଛି । ଏଥିରୁ ୧୧ ଟିରେ ପକ୍କା ରନଓୟେ ଥିଲା ବେଳେ ଅନ୍ୟଗୁଡିକ ଛୋଟ ପର୍ଯ୍ୟଟନ ବିମାନ ପାଇଁ ଉଦ୍ଦିଷ୍ଟ ।

ନେପାଳ ସହିତ ଆମର ସାଂସ୍କୃତିକ, ଭାବଗତ, ଓ କୂଟନୈତିକ ସଂପର୍କ ଅତି ନିବିଡ଼ । ପୂର୍ବରୁ ପୁରୀ ଗଜପତିଙ୍କ ସହିତ ନେପାଳ ରାଜ ପରିବାରର ବୈବାହିକ ସଂପର୍କ ଥିଲା । ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ, ନେପାଳ ସରକାର କସ୍ତୁରୀ ଯୋଗାଇଥାନ୍ତି । ନେପାଳର ତୀର୍ଥଯାତ୍ରୀ ବହୁଳ ସଂଖ୍ୟାରେ ଭାରତର ଦେବଦବୀ ଦର୍ଶନ କରିବା ପାଇଁ ଭାରତ ଆସିଥାନ୍ତି ।

ନେପାଳରେ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ସୀତା ସ୍ୱୟମ୍ବର ଓ ବିବାହରେ ଯୋଗ ଦେବାପାଇଁ ଅଯୋଧ୍ୟାରୁ ବରଯାତ୍ରୀ ଦଳ ଜନକପୁର ଗ୍ରସ୍ତ କରିବା ପରମ୍ପରା ଏବେ ବି ରହିଛି । ଭାରତରେ ସ୍ୱାଧୀନତା ପରେପରେ, ନେପାଳର ତତ୍କାଳୀନ ରାଜା ତ୍ରିଭୁବନ ବୀର ବିକ୍ରମ ସାହା ଭାରତ ସହିତ ନେପାଳର ମିଶ୍ରଣ ପାଇଁ ପ୍ରସ୍ତାବ ଦେଇଥିଲେ ଯାହାକୁ ସେତେବେଳେ ଅଗ୍ରାହ୍ୟ କରାଯାଇଥିଲା । କୁହାଯାଇଥିଲା ଯେ ଏପରି ମିଶ୍ରଣ ଯୋଗୁଁ କୌଣସି ଦେଶର ଲାଭ ହେବନାହିଁ।

ଭୁବନେଶ୍ୱର
*ମୋବାଇଲ୍ - ୭୯୭୮୪୨୦୪୯୩*

# ସଂପାଦକୀୟ

## ରଣପୁର ମହୋତ୍ସବ : ଏପାଖ ସେପାଖ

ଜାନୁଆରୀ ୫ରୁ ୯ତାରିଖ ପର୍ଯ୍ୟନ୍ତ ପଞ୍ଚ ଦିବସୀୟ 'ରଣପୁର ମହୋତ୍ସବ ଅର୍ଜୁନ - ୨୦୨୬' ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ମହୋତ୍ସବରେ ଅନେକ ନିଆରା ପରମ୍ପରା ସୃଷ୍ଟି କରିଛନ୍ତି ମହୋତ୍ସବର ମୁଖିଆ ସ୍ଥାନୀୟ ବିଧାୟିକା ତଥା ମାନନୀୟା ବାଚସ୍ପତି ସୁରମା ପାଢ଼ୀ । ମହୋତ୍ସବର ଏପାଖ ସେପାଖ ଆଲୋଚନା କଲାବେଳେ ଅନେକ ଆଲୋଚିତ ଓ ଅନାଲୋଚିତ ଘଟଣାକୁ ବିଷୟରେ କହିବା ଉଚିତ । ଘଟଣାକୁ କେଉଁଠାରୁ ଆରମ୍ଭ କରାଯିବ ସେ ନେଇ ଲେଖକ ମଧ ଦ୍ୱନ୍ଦରେ ପଡୁଛି । ପ୍ରଥମେ ୨୦୨୬ ମହୋତ୍ସବର ମୂଳଦୁଆ ଅର୍ଥାତ୍ ପାକ୍ ବୈଠକ ବିଷୟରେ ଆଲୋଚନା କରିବା । ୨୦୦୬ ମସିହାରୁ ମହୋତ୍ସବ ସହ ପ୍ରତ୍ୟେକ୍ଷ ଭାବେ ଯୋଡ଼ି ହୋଇ ରହିଥିବା ଅନେକ ବରିଷ୍ଠମାନଙ୍କୁ ଏଥର ଅଣଦେଖା କରାଯାଇଥିବାର ଶେଷ ପର୍ଯ୍ୟନ୍ତ ଆଲୋଚନା ଲାଗିରହିଥିଲା । ନାମ ପ୍ରକାଶ ନକରି ଅନେକ ବୁଦ୍ଧିଜୀବୀ ଏଭଳି ଅଣଦେଖା ନିଷ୍ପତ୍ତିର କଟୁ ସମାଲୋଚନା କରିଛନ୍ତି । ଅପରପକ୍ଷରେ ଅନେକ ନୂଆ ଉଦ୍ୟୋକ୍ତା ଏଥର ପ୍ରଥମ ଥର ପାଇଁ ଯୋଡ଼ି ହୋଇ ମହୋତ୍ସବ ସୁପରିଚାଳନାରେ ନିଜର ଯୋଗଦାନ ଓ ପରାକାଷ୍ଠା ଦେଖାଇ ମାଆ ଓ ମାଟି ପ୍ରତି ତାଙ୍କର ଭଲପାଇବାକୁ ପ୍ରତିପାଦନ କରି ପ୍ରଶଂସା ସାଉଁଟିଛନ୍ତି । ଯେକୌଣସି ଉତ୍ସବ ହେଉ କି ମହୋତ୍ସବ ସମସ୍ତ କାର୍ଯ୍ୟକ୍ରମ ପାଇଁ ପୂର୍ବରୁ କାର୍ଯ୍ୟକ୍ରମ ଓ ମଞ୍ଚ ନିମନ୍ତେ ନିମନ୍ତ୍ରିତ ଅତିଥି ଓ କଳାକାରମାନଙ୍କ ତାଲିକା ସହିତ ନିମନ୍ତ୍ରଣ ପତ୍ର ଛପା ଯାଇ ବଣ୍ଟା ଯାଇଥାଏ । ଏଥର କିନ୍ତୁ ମୁଖିଆ ଏକ ନିଆରା ନିମନ୍ତ୍ରଣ ପତ୍ର ଛାପିଥିଲେ ଯେଉଁଥିରେ ସେ ସବୁ ସୂଚନା ନଥିଲା । ଅପରପକ୍ଷରେ ଅନେକ ପୁରୁଖା ମାନ୍ୟଗଣ୍ୟ ବ୍ୟକ୍ତି ଓ ସଂସ୍ଥା ମାନଙ୍କୁ ନିମନ୍ତ୍ରଣ ପତ୍ର ଖଣ୍ଡିଏ ପହଞ୍ଚି ପାରିନଥିଲା । ଉପଯୁକ୍ତ ନିମନ୍ତ୍ରଣ ପତ୍ର ବିନା ପୂର୍ବରୁ ମହୋତ୍ସବ ସହ ପ୍ରତ୍ୟେକ୍ଷ ଭାବେ ଜଡ଼ିତ କିଛି ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଚଳିତ ମହୋତ୍ସବକୁ ଏକ ରାଜନୈତିକ ସମାବେଶ ଓ ମୁଖିଆଙ୍କ ଏକଚାଟିଆ ନୀତିର ସମାଲୋଚନା କରିଥିଲେ । ନିମନ୍ତ୍ରଣ ପତ୍ରରେ କାର୍ଯ୍ୟକ୍ରମ ଓ ମଞ୍ଚ ଅତିଥିମାନଙ୍କ ସମ୍ବନ୍ଧରେ ସୂଚନା ନଥିବା ବେଳେ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଦିନର ଅତିଥି କିଏ ସବୁ ଆସୁଛନ୍ତି ସେ ସମ୍ବନ୍ଧରେ କେହି, ଏମିତିକି ମୁଖ୍ୟ ମୁଖ୍ୟ ଉଦ୍ୟୋକ୍ତାମାନେ ମଧ ଅନ୍ଧାର ଭିତରେ ରହୁଥିଲେ । ଏକ ନିର୍ଦ୍ଦିଷ୍ଟ ହ୍ୱାଟସ୍ଆପ ଗ୍ରୁପ୍'ରେ ବିଳମ୍ବିତ ସନ୍ଧ୍ୟାରେ ଆଜିକାର ଅତିଥି କିଏ ଆସୁଛନ୍ତି ତାହାର ସୂଚନା ପ୍ରଦାନ କରାଯାଇ ଏକ ନିଆରା ଉଦାହରଣ ସୃଷ୍ଟି କରାଯାଇ ଥିଲା । ଏକ ସଭା ମଞ୍ଚରେ କେତେ ଜଣ ଅତିଥି ବସିଲେ ସୁନ୍ଦର ଦିଶିବା ସଙ୍ଗେ ସଙ୍ଗେ ସଭା କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟ ମଧରେ ଶେଷ ହୋଇ ପାରିବ ସେ ସମ୍ବନ୍ଧରେ ତାର ବ୍ୟତିକ୍ରମ ଦେଖାଯାଇଥିଲା । ଉତ୍ସବର ଚତୁର୍ଥ ଦିନରେ ସଭାର ସଭାପତି ସୁରମା ପାଢ଼ୀଙ୍କ ସହିତ ମଞ୍ଚରେ ମୁଖ୍ୟ ଅତିଥି ଥିଲେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ଅନ୍ୟାନ୍ୟ ଅତିଥିମାନେ ଥିଲେ, ନୟାଗଡ ବିଧାୟକ ଡ଼କ୍ଟର ଅରୁଣ ସାହୁ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଓଡ଼ଗାଁ ଜିଲ୍ଲା ପରିଷଦ ସଭ୍ୟ ବିରଜାଲକ୍ଷ୍ମୀ, ରଣପୁର ଜିଲ୍ଲା ପରିଷଦ ସଦସ୍ୟ ରଜନୀରାଣୀ, ରଣପୁର ବ୍ଲକ୍'ର ଉପାଧ୍ୟକ୍ଷ ପ୍ରଭାତ ଦଳବେହେରା ଓ ରଣପୁରର ବିଡ଼ିଓ ମହାଶୟ । ସମସ୍ତଙ୍କୁ ମିଶାଇଲେ ସମୁଦାୟ ଆଠ ଜଣ ଅତିଥି ମଞ୍ଚ ଉପରେ ଥିଲେ । ନାମ ଗୋପନ ରଖି ଜଣେ ବୁଦ୍ଧିଜୀବୀ ମଞ୍ଚ ତଳେ ଆମକୁ କହିଥିଲେ ଏତେ ଅତିଥିଙ୍କୁ ଡାକିବାର ଆବଶ୍ୟକ କ'ଣ ? ସର୍ବୋପରି ଓଡ଼ଗାଁ ଜିଲ୍ଲା ପରିଷଦ ସଦସ୍ୟଙ୍କୁ ରଣପୁର ମହୋତ୍ସବକୁ ଡାକିବାର ଉଦେଶ୍ୟ କଣ ବୋଲି ସେ ପ୍ରଶ୍ନ କରିଥିଲେ । ଅତ୍ୟନ୍ତ ବିଳମ୍ବରେ ଆରମ୍ଭ ହେଉଥିବା ସଭାରେ ସଭାମୁଖ୍ୟଙ୍କ ସୁଦୀର୍ଘ ଅଭିଭାଷଣ ସାଙ୍ଗକୁ ଲମ୍ବା ଅତିଥିମାନଙ୍କ ଚେଷ୍ଟା କରି ସ୍ୱଳ୍ପ ଭାଷଣର କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା ପର୍ବ ରାତି ସାଢେ ଦଶ ପର୍ଯ୍ୟନ୍ତ ଚାଲୁଥିବାରୁ ମଞ୍ଚ ତଳେ ଲୋକେ ବ୍ୟତିବ୍ୟସ୍ତ ହୋଇଯାଇଥିଲେ । ଏପଟେ ଦୂର ଦୂରାନ୍ତରୁ ମନୋରଞ୍ଜନ କାର୍ଯ୍ୟକ୍ରମ ଉପଭୋଗ କରିବା ପାଇଁ ଆସିଥିବା ଲୋକେ ପ୍ରବଳ ଶୀତ ପାଇଁ ଫେରିଯାଉଥିଲେ, ଯେଉଁଥିପାଇଁ କି ନାମୀ କଳାକାରମାନଙ୍କ କାର୍ଯ୍ୟକ୍ରମ ବେଳକୁ ଲୋକ ପତଳା ହେଉଥିବାର ଦେଖିବାକୁ ମିଳୁଥିଲା । ଏମିତି କି ସଭା ଶେଷରେ ମୁଖ୍ୟ ଅତିଥିଙ୍କ ଭାଷଣ ପାଳି ପଡ଼ିବା ବେଳକୁ ମଞ୍ଚ ତଳର ପତଳା ଲୋକ ସଂଖ୍ୟା ଆୟୋଜକଙ୍କୁ ବିବ୍ରତ କରୁଥିଲା । ଏସବୁ ପରେ ମଧ ମହୋତ୍ସବକୁ ଆସିଥିବା ଛୋଟ ବଡ ବ୍ୟବସାୟୀ ମାନେ ବହୁତ୍ ଭଲ ବ୍ୟବସାୟ କରି ଥିବା ଜଣାପଡିଛି । କୋଟି କୋଟି ଟଙ୍କାର କାରବାର ହୋଇଛି ବୋଲି ବିଜ୍ଞାପିତ ପରିଷଦର ଜଣେ ସଦସ୍ୟ ପ୍ରକାଶ କରିଛନ୍ତି । ଆଲୋକିକରଣ, ପରିମଳ ବ୍ୟବସ୍ଥାରେ ଅଳ୍ପ ବ୍ୟତିକ୍ରମ ଦେଖା ଯାଇଥିଲେ ମଧ ଏତେ ବଡ ମହୋତ୍ସବକୁ ଆୟୋଜକମାନଙ୍କ ଅକ୍ଳାନ୍ତ ପରିଶ୍ରମ ପାଇଁ ଏକ ସଫଳ ସଭାରେ ପରିଣତ ହୋଇ ମହୋତ୍ସବ ଇତିହାସରେ ଏକ ରଙ୍ଗୀନ୍ ପୃଷ୍ଠା ଯୋଡ଼ି ହୋଇ ଯାଇଛି । ଘରେ ପଶୁ ପଶୁ ମୁଣ୍ଡରେ ଚାଳ ବାଜିବା ଭଳି ରାଜଧାନୀରୁ ଯାଉଥିବା ମାଳମାଳ ମନ୍ତ୍ରୀ ଓ ଭି.ଭି.ଆଇ.ପିମାନେ ଏନ୍.ଏଚ - ୧୬ ରୁ ରଣପୁର ଯିବା ପାଇଁ ଜଂକିଆ ପୂର୍ବରୁ କେଉଁ ସ୍ଥାନରେ ବାମ ପାର୍ଶ୍ୱକୁ ଯିବେ ସେଠାରେ କୌଣସି ବଡ ତୋରଣ କିମ୍ବା ଗେଟ୍ ନଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ । ଜଂକିଆ ନିକଟରେ ରଣପୁର ପ୍ରବେଶ ଦ୍ୱାରରେ ଏକ ତୋରଣ ପାଇଁ ଅନେକ ବୁଦ୍ଧିଜୀବି ଦାବୀ ରଖିଛନ୍ତି । ମହୋତ୍ସବର ମୁଖିଆ ଥିଲେ ସ୍ୱୟଂ ବାଚସ୍ପତି । ସେ ଯାହାକୁ ଡାକିବେ ମନା କରିବ ବା କିଏ । ତେଣୁ ଚଳିତ ବର୍ଷ ମହୋତ୍ସବରେ ଏକ ନିଆରା ଉଦାହରଣ ସୃଷ୍ଟି ହୋଇଥିଲା । ଦ୍ୱିତୀୟ ଦିନ ତିନି, ତୃତୀୟ ଦିନ ଦୁଇ ଓ ଉଦଯାପନ ଦିବସରେ ଜଣେ ଏମିତି ସମୁଦାୟ ଛ ଜଣ ମନ୍ତ୍ରୀ, ଦୁଇ ଜଣ ସାଂସଦ, ସାତ ଜଣ ବିଧାୟକ ଓ ଜଣେ ପୂର୍ବତନ ବିଧାୟକ ସାମିଲ୍ ହୋଇ ଥିଲେ । ସବୁ ବ୍ୟତିରକେ ଏବର୍ଷ 'ରଣପୁର ମହୋତ୍ସବ ଅର୍ଜୁନ -୨୦୨୬' କୁ ଏକ ସଫଳ ଉତ୍ସବ ବୋଲି କୁହାଯାଇପାରିବ ।

**ଆପଣଙ୍କ ଅଭିଯୋଗ, ସମସ୍ୟା ଓ ମତାମତକୁ ପ୍ରମାଣ ସହ ପଠାନ୍ତୁ । ବିଶେଷ ପୃଷ୍ଠା ନିମନ୍ତେ ଲେଖା ମଧ ପଠାଇ ପାରିବେ ।**

ମୋବାଇଲ (ହ୍ୱାଟସ୍ଆପ୍) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ : କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ରାଜା ଚିତ୍ରକେତୁ ଚରିତ - (୨)



ଅର୍ଜୁନୀ ଚରଣ ବେହେରା

ଚିତ୍ରକେତୁଙ୍କ ସ୍ତୁତିରେ ସନ୍ତୁଷ୍ଟ ହୋଇ ପ୍ରଭୁ ଅନନ୍ତ ହଳପାଣି ପ୍ରକଟ ହୋଇ କହିଲେ, ତୁମେ ଅଙ୍ଗିରା, ନାରଦଙ୍କ ପ୍ରଦତ୍ତ ବିଦ୍ୟା ସିଦ୍ଧ କରି ମୋର ଦର୍ଶନ ପାଇଲ । ମୁଁ ନିର୍ଗୁଣ ରୂପରେ ଏ ସମସ୍ତ ଜଗତକୁ ଧାରଣ କରିଛି । ଯିଏ ମୋ ଠାରେ ଶରଣ ନେଇଥାଏ ମୁଁ ତାକୁ ମାୟା ରୂପକ ଏ ସମସ୍ତ ଜାଗତିକ ଦୁଃଖରୁ ଉଦ୍ଧାର କରେ । ଏଣୁ ତୁମେ ଏହି ସମସ୍ତ ସାଂସାରିକ ମୋହ ଛାଡ଼ି ମୋତେ ହିଁ ଭଜନ କର । ଏପରି କଲେ, ତୁମେ ପ୍ରକୃତ ଜ୍ଞାନ ସମ୍ପନ୍ନ ହୋଇ ପରମ ସିଦ୍ଧି ପ୍ରାପ୍ତହେବ । ଭଗବାନ୍ ଚିତ୍ରକେତୁଙ୍କୁ ଏହି ଉପଦେଶ ଦେଇ ଅନ୍ତର୍ଦ୍ଧାନ ହେଲେ ।

ଚିତ୍ରକେତୁ ଭଗବାନ୍ ଶଙ୍କର୍ଷଣଙ୍କଠାରୁ ତତ୍ତ୍ୱଜ୍ଞାନ ଲାଭ କରି, ବିଦ୍ୟାଧର ରୂପରେ ଗଗନ ମାର୍ଗରେ ବିଦ୍ୟାଧରୀମାନଙ୍କ ସଙ୍ଗରେ ବିଚରଣ କରିବାକୁ ଲାଗିଲେ । ଦିନକର କଥା, ବିଦ୍ୟାଧର ଚିତ୍ରକେତୁ ଏକ ଦିବ୍ୟବିମାନ ଆରୋହଣ କରି ମହାଦେବଙ୍କ ଦର୍ଶନ ପାଇଁ ଯାଇ ସୁମେରୁ ପର୍ବତରେ ପହଞ୍ଚିଲେ । ସେଠାରେ ସେ ଅମ୍ବିକାଙ୍କୁ ଶିବଙ୍କ କୋଳରେ ବସି ଥିବାର ଦେଖି ଭାବିଲେ, ଆରେ ! ଏ ଶିବ ସମସ୍ତ ଜଗତର ଈଶ୍ୱର ବୋଲାଉଛନ୍ତି । ତାଙ୍କର ଇଏ କି ବିପରୀତ ରୀତି । ସମସ୍ତ ସିଦ୍ଧ ଚାରଣ, ମୁନିଋଷି, ଏବଂ ସମସ୍ତ ଦେବତାଙ୍କ ସମ୍ମୁଖରେ, ଇଏ ନିର୍ଲଜ ଭାବେ ନିଜର ସ୍ତ୍ରୀକୁ କୋଳରେ ଘେନି ବସିଛନ୍ତି । ଏପରି ଭାବି ସେ ଶଙ୍କରଙ୍କ ବହୁ ନିନ୍ଦା କରିବାକୁ ଲାଗିଲେ,

"ଏ ଯେ ସ୍ୱଭାବେ ଦେବବର ।
ଏହାଙ୍କୁ ବୋଲି ବ୍ରତ ଧର ॥
ସଭାର ମଧ୍ୟେ ସ୍ତିରୀ ଘେନି ।
ଅଛନ୍ତି ଯେହ୍ନେ ନୀଚଯୋନୀ ।"

ଚିତ୍ରକେତୁଙ୍କ ଭର୍ତ୍ସନା ଶୁଣି ଶିବ ହସି ଦେଇ ଚୁପ୍ ରହିଲେ । ସେଠାରେ ଉପସ୍ଥିତ ଥିବା ଅନ୍ୟ ସମସ୍ତ ଦେବାଦେବୀ ମଧ କିଛି ନକହି ନୀରବ ରହିଲେ । କିନ୍ତୁ ମାଆ ପାର୍ବତୀ ନିଜ ପତିଙ୍କ ନିନ୍ଦା ଆଉ ସହି ପାରିଲେ ନାହିଁ । ଅତି କ୍ରୋଧିତ ହୋଇ ସେ ନିନ୍ଦୁକ ଚିତ୍ରକେତୁଙ୍କୁ ଅଭିଶାପ ଦେଲେ,

'ପାପିଷ୍ଠ ଅସୁର ଯୋନିରେ ।
ଜନ୍ମ ତୁ ଲଭ ତମ ଘୋରେ' ।

ଚିତ୍ରକେତୁ, ଭଗବାନଙ୍କ ପରମ ଭକ୍ତ ଥିଲେ । ସେ ପାର୍ବତୀଙ୍କ ଅଭିଶାପ ଶିରୋଧାର୍ଯ୍ୟ କଲେ ଓ ନତ ମସ୍ତକରେ ଭଗବାନ ଶ୍ରୀହରିଙ୍କ ଲୀଳା ଗାଥା କହି ତାଙ୍କୁ ପ୍ରସନ୍ନକଲେ । ଶେଷରେ ସେ କହିଲେ, ହେ ଦେବୀ, ମୁଁ ଶାପରୁ ମୁକ୍ତି ହେବା ପାଇଁ ଚାହୁଁ ନାହିଁ । ମୁଁ ଯେଉଁ ଅକ୍ଷମଣୀୟ ଅପରାଧ କରିଛି ସେ ପାଇଁ କେବଳ ପ୍ରାର୍ଥନା କରୁଛି ।

ଚିତ୍ରକେତୁ ଚାଲିଗଲା ପରେ ଶିବ ମାଆ ଉମାଙ୍କୁ ହରିଭକ୍ତ ଚିତ୍ରକେତୁ ବିଷୟରେ ବୁଝାଇ ଦେଲେ । ପାର୍ବତୀଙ୍କ ଅଭିଶାପରୁ, ଚିତ୍ରକେତୁ ଯାଇ ତ୍ୱଷ୍ଟାଙ୍କ ଦକ୍ଷିଣାଗ୍ନିରୁ ଅସୁର ରୂପରେ ଜନ୍ମ ହେଲେ । ସେହି ଅସୁରର ନାମ ହେଲା ବୃତ୍ରାସୁର ।


ଶୁକମୁନି ଶ୍ରୀମଭାଗବତରେ ବୃତ୍ରାସୁର ବଧ କଥା ରାଜା ପରୀକ୍ଷିତଙ୍କୁ ଶୁଣାଉଥିଲେ । ପ୍ରସଙ୍ଗ କ୍ରମେ ସେ କହିଲେ ବୃତ୍ରାସୁର ଶ୍ରୀହରିଙ୍କ ନିଷ୍ଠାପର ଭକ୍ତ ଥିଲା । ଏଥିରେ ରାଜା ପରୀକ୍ଷିତ ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କଲେ, ସିଏତ ସ୍ୱଭାବତଃ ତମଗୁଣୀ ଅସୁର ଥିଲା । ତାର ପୁଣି ଭଗବାନଙ୍କଠାରେ ଏପରି ଭକ୍ତି ହେଲା କିପରି ? ତାଙ୍କୁ ଉତ୍ତରଦେବା ଛଳରେ ଶୁକ ମୁନି, ତାଙ୍କ ପିତା ବ୍ୟାସ ଦେବଙ୍କ ଠାରୁ ଶୁଣି ଥିବା ବୃତ୍ରାସୂରର ଏହି ପୂର୍ବଜନ୍ମ ବୃତ୍ତାନ୍ତ ଶୁଣାଇଥିଲେ । ଓଡ଼ିଆ ଶ୍ରୀମଦ ଭାଗବତ, ଷଷ୍ଠ ସ୍କନ୍ଧର ଚତୁର୍ଦ୍ଦଶ ଅଧ୍ୟାୟରୁ, ସପ୍ତଦଶ ଅଧ୍ୟାୟ ମଧରେ ଏହି କଥାର ବିସ୍ତୃତ ବର୍ଣ୍ଣନା ରହିଛି । କଥା ଶେଷରେ ମହାମୁନି ଶୁକ ମହାରାଜ ପରୀକ୍ଷିତଙ୍କୁ କହିଛନ୍ତି :-

ସକଳ ତୁମ୍ଭଙ୍କୁ କହିଲୁ ।
ଆମ୍ଭକୁ ଯେତେ ପ୍ରଶ୍ନ କଲୁ ॥
ଗୋବିନ୍ଦେ ମତି ବୃତ୍ରାସୁର ।
ଜନ୍ମର କାରଣ ତାହାର ॥
ଏ ଇତିହାସ ପୁଣ୍ୟସାର ।
ମହାତ୍ମା ଏ ଚିତ୍ରକେତୁର ॥

ଓଁ ନମୋ ଭଗବତେ ବାସୁଦେବାୟ


ମୋ -୭୬୯୩୦୯୧୯୭୧

## ମଣିମା ଶୁଣିମା ହେଉ...


Deba Prasad Dash

ସରକାରୀ ଡାକ୍ତରଖାନା ରେ ଅଣ ଡାକ୍ତର କର୍ମଚାରୀ ମାନଙ୍କ କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇଁ କଣ ପଦକ୍ଷେପ ନିଆଯାଇ ପାରିବ ସରକାର ଚିନ୍ତା କରନ୍ତୁ. ସେହି କର୍ମଚାରୀ ମାନେ ରୋଗୀ ଙ୍କ ଅଧିକ ସେବା କରନ୍ତୁ

Facebook


Sofia Firdous @sofiafirdous1 · 23h

Cuttack missing again. Why?

The Odisha Government has announced new hotel & tourism projects —
but Cuttack is not on the list.

This is unacceptable.

Cuttack is Odisha's first capital, its judicial hub, home to SCB Medical College, and a city that receives many visitors every month.
Yet it continues to be ignored in tourism and hospitality planning.

Every day, thousands come to Cuttack for:
• Medical treatment
• Legal work
• Education
• Business
• And Annual Cultural events like Baliyatra and cricket match

Development cannot be selective.
Cuttack deserves its rightful place in Odisha's growth story.

MLA Barabati Cuttack


DEEPA BARIK
@CharubalaB

Public safety alert! Non-working traffic lights and watch at Bheunria Chowk, Padampur (Bargarh) leading to congestion & accidents risk. Requesting swift rectification.
@homeodisha
@bargarhpolice @PadampurN
@CMO_Odisha Pls look into this ASAP.
#BargarhTraffic #OdishaPolice

Deepa Barik



ରଣପୁର ମହୋତ୍ସବ ଅର୍ଜୁନ ୨୦୨୬ ରେ 'ଭଏସ୍ ଅଫ୍ ଭିକ୍ଟିମ୍ସ' ଖବରକାଗଜ



'ଭଏସ୍ ଅଫ୍ ଭିକ୍ଟିମ୍ସ' ଷ୍ଟଲ୍‌ରୁ ଲୋକେ ଆଗ୍ରହର ସହ 'ରଣପୁର ସ୍ୱତନ୍ତ୍ର ସଂଖ୍ୟା' ସଂଗ୍ରହ କରୁଛନ୍ତି



ରଣପୁର ସମ୍ପର୍କରେ ଐତିହାସିକ ତଥ୍ୟ ସମ୍ବଳିତ ଖବରକୁ ଲୋକେ ଆଗ୍ରହର ସହ ପଠନ କରୁଛନ୍ତି ।



ରଣପୁର ଇତିହାସ ସମ୍ପର୍କିତ ଫଟୋଚିତ୍ର ପ୍ରଦର୍ଶନୀକୁ ଅତିଥି ମାନଙ୍କୁ ବୁଲି ଦେଖାଉଛନ୍ତି ଅନୁଷ୍ଠାନର ଉଦ୍ୟୋକ୍ତା ସୁରେଶ ମହାରଣା




ମହୋତ୍ସବର ଅନ୍ତିମ ଦିବସକୁ ରାଜମାତା ବସନ୍ତ ମଞ୍ଜରୀଙ୍କୁ ଉତ୍ସର୍ଗୀକୃତ କରାଯାଇଛି ।






(ବାମରୁ) : ସହିଦ୍ ଜ୍ୟୋତି ଯାତ୍ରା । ନିମନ୍ତ୍ରିତ ଅତିଥି ମାନଙ୍କୁ ଇତିହାସର ମୁକସାକ୍ଷୀ ରଣପୁର ସାଳିମ୍ବ ବାଉଁଶ ଠେଙ୍ଗା ଉପହାର ।

## ସୂଚନା

ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims
Multilingual Weekly

ବିଜ୍ଞାପନ ପ୍ରକାଶ ପାଇଁ କିମ୍ବା ଟ୍ରଷ୍ଟର ଆଜୀବନ ସଦସ୍ୟତା ପାଇଁ ସ୍କାନ୍ କରି ଦେୟ ରାଶି ପ୍ରଦାନ କରି ଆମକୁ ସହଯୋଗ କରନ୍ତୁ ଏବଂ ଆମ ସହ ଯୋଡି ହୁଅନ୍ତୁ ।

**ସବିଶେଷ ଯୋଗାଯୋଗ :**
ମୋବାଇଲ୍ :
୬୩୭୧୪୧୭୩୬୧

**Email:**
voiceofvictim2019@gmail.com
voiceofvictimsnews@gmail.com

**Website :**
https://voiceofvictims.co.in

**E-Paper :**
voiceofvictimsepaper.in

## ପ୍ରଦୂଷଣ ଆଇନକୁ ଖୋଲା ଉଲ୍ଲଙ୍ଘନ

# ଅଣନିଶ୍ୱାସୀ କରୁଛି ମାଳମାଳ ଇଟାଭାଟି



**ଭୁବନେଶ୍ୱର (ଭିଓଭି) :** ପ୍ରଦୂଷଣ ଆଇନକୁ ଖୋଲାଖୋଲି ଉଲ୍ଲଙ୍ଘନ କରି ଗଢ଼ି ଉଠିଛି ମାଳ ମାଳ ଇଟାଭାଟି । ବେଆଇନ ନାଲି ଇଟା ଭାଟି ଯୋଗୁଁ ଦୂଷିତ ହେଉଛି ବାୟୁ । ପ୍ରଶାସନର କଟକଣାକୁ ଖାତିର ନକରି ଓଡ଼ିଶାର ପୁରପଲ୍ଲୀରେ ଖୋଲାଖୋଲି ଚାଲିଛି ଶତାଧିକ ନାଲି ଇଟା ଭାଟି । ଗାଁଗହଳିରେ ଛତୁ ଫୁଟିଲା ଭଳି ଚାଲିଛି ବେଆଇନ ନାଲି ଇଟା ଭାଟି । ପ୍ରଶାସନ ସାଜିଛି ନିରବଦ୍ରଷ୍ଟା। ଇଟା ଭାଟିରୁ ନିର୍ଗତ ଧୂଆଁ ଧୂଳିରେ ଅତିଷ୍ଠ ରାଜ୍ୟବାସୀ । ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଅଭାବରୁ ପ୍ରଦୂଷଣ ସୀମା ଅତିକ୍ରମ କରୁଛନ୍ତି ଇଟାଭାଟି ମାଲିକ। ଦେଶରେ ପ୍ରଦୂଷଣ ତାଲିକାରେ ଓଡ଼ିଶାର ତାଳଚେର ରହିଥିବା ବେଳେ ତା ପଛକୁ ଅଛି ବାଲେଶ୍ୱର । ଏହା ଉପରେ ରୋକ୍ ଲଗାଇବା ପାଇଁ ଜିଲ୍ଲା ପ୍ରଶାସନ ରାତି ୮ ଟାରୁ ସକାଳ ୧୦ଟା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି । ମାତ୍ର ଗ୍ରାମାଞ୍ଚଳ ପ୍ରତି ଯେମିତି ସମ୍ପୂର୍ଣ୍ଣ ଆଖି ବୁଜି ଦେଇଛନ୍ତି । ଏହାର ସୁଯୋଗ ନେଇ ପରିବେଶର ଧଜ୍ଜିଆ ଉଡ଼ାଉଛନ୍ତି ଇଟାଭାଟି ମାଲିକ ।

ରାଜ୍ୟର ପ୍ରତି ତହସିଲ ଅଞ୍ଚଳରେ ଥିବା ମାଳମାଳ ନାଲି ଇଟା ଭାଟିରୁ ନିର୍ଗତ ଧୂଆଁ ପ୍ରଦୂଷଣ ବୃଦ୍ଧି କରୁଥିବାରୁ ଏହାକୁ ବନ୍ଦ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି । ମାତ୍ର ଇଟାଭାଟି ମାଲିକମାନେ ଏହାକୁ ବେଖାତିର କରି ଭାଟି ଚଲାଇ ଆସୁଛନ୍ତି । ଏହି ଇଟାଭାଟିରେ ବ୍ୟବହୃତ ହେଉଥିବା କୋଇଲାର ଧୂଆଁରୁ ଅଞ୍ଚଳରେ ପ୍ରଦୂଷଣ ବଢ଼ିବା ସହିତ ଆଖାପାଖ ଅଞ୍ଚଳରେ ପାଉଁଶ ଉଡ଼ି ଚାଷ କ୍ଷତିଗ୍ରସ୍ତ କରୁଛି । ଏହା ଖାଦ୍ୟ ପଦାର୍ଥରେ ମିଶିବା ଦ୍ୱାରା ବିଭିନ୍ନ ରୋଗରେ ପଡୁଛନ୍ତି ଲୋକେ। ଏହା ସହିତ ଇଟା ଭାଟିକୁ ଗାଡ଼ି ଦ୍ରୁତ ଗତିରେ ଯାତାୟାତ କରୁଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି । ସବୁଜ ପ୍ରାଧୀକରଣର ନିୟମ ଅନୁଯାୟୀ, ନାଲି ଇଟାଭାଟି ବନ୍ଦ ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି, ଯେଉଁମାନେ ଏହାକୁ ଉଲଘଂନ କରି ଇଟାଭାଟି ଚଳାଇବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ରହିଛି । ମାତ୍ର ଏହା ଖଣି ବିଭାଗ ହାତରେ ରହିଥିବାରୁ ବିଭାଗୀୟ ଅଧିକାରୀ ଏଥିପ୍ରତି ଆଦୌ ଦୃଷ୍ଟି ଦେଉ ନାହାନ୍ତି। ଫଳରେ ବିନା ପଞ୍ଜୀକରଣରେ ନାଲିଇଟା ଭାଟି ଗଢି ଉଠୁଛି । ଆଉ ଏହାର ପରିଣାମ ଭୋଗୁଛନ୍ତି ଲୋକେ। କିଛି ଦୁର୍ନୀତିଗ୍ରସ୍ତ ଅସାଧୁ ସରକାରୀ ଅଧିକାରୀ ଏବଂ କର୍ମଚାରୀ, ଯେଉଁମାନେ ଇଟା ମାଫିଆଙ୍କ ସହ ସଲା କରି ସେମାନଙ୍କଠାରୁ କିଛି ହାତଗୁଞ୍ଜା ନେଉଥିବାରୁ ଏହି ନିୟମ କାର୍ଯ୍ୟକାରୀ ହୋଇ ପାରୁନଥିବା ଲୋକେ ଆଲୋଚନା କରୁଛନ୍ତି ।

## ବୋମା ଫୁଟି ଉଡ଼ିଗଲା ଯୁବକଙ୍କ ପାପୁଲି



**ଭୁବନେଶ୍ୱର (ଭିଓଭି) :** ଚିନ୍ତାମଣିଶ୍ୱର ଅଞ୍ଚଳରେ କିଛି ଦିନ ହେଲା ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଅଞ୍ଚଳରେ ପତିଆରା ବଢ଼ାଇବାକୁ ନେଇ ବିବାଦ ଆରମ୍ଭ ହୋଇଥିଲା । ଦିନକୁ ଦିନ ବିବାଦ ବଢ଼ିବାରୁ ଦୁଇ ଗୋଷ୍ଠୀ ବିଭିନ୍ନ ସମୟରେ ମୁହାଁମୁହିଁ ହେଉଥିଲେ ଓ ସେମାନଙ୍କ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଯାଇଥିଲା। ବୁଧବାର ରାତିରେ କଳ୍ପନା ଛକ ନିକଟରେ ଗୋଟିଏ ଗୋଷ୍ଠୀର କିଛି ଯୁବକ ବସି ଖଟି କରିଥିଲେ। ଏହି ସମୟରେ ପ୍ରତିପକ୍ଷ ଗୋଷ୍ଠୀ ଆସି ସେଠାରେ ଆକ୍ରମଣ କରିଥିଲେ । ଜଣେ ଯୁବକ ବୋମା ମାଡ଼ କରିବାକୁ ବୋମା ଧରି ଆସିଥିଲା। ଧସ୍ତାଧସ୍ତି ସମୟରେ ଯୁବକ ତଳେ ପଡ଼ିଯିବାରୁ ତା' ହାତରେ ଥିବା ବୋମାଟି ଫୁଟିଯାଇଥିଲା। ବୋମା ଫୁଟିବା ପରେ ସମସ୍ତେ ଯିଏ ଯୁଆଡେ ପାରିଲେ ଦୌଡ଼ି ପଳାଇଥିଲେ । ପୁଲିସ ପହଞ୍ଚି ଗୁରୁତର ଅବସ୍ଥାରେ ଯୁବକକୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ୍‌ରେ ଭର୍ତ୍ତି କରିଛି । ଏହି ଘଟଣାରେ ଜଣକୁ ଅଟକ ରଖି ଖୋଳତାଡ଼ କରୁଛି ପୁଲିସ।

# ୭୨ ବର୍ଷର ରେକର୍ଡ଼ ଭାଙ୍ଗିଲା ଶୀତ

- ଶିମିଳିପାଳରେ ମାଇନସ୍‌କୁ ଖସିଲା ପାରଦ
- ଉପାନ୍ତରୁ ଉପକୂଳ ଯାଏଁ ହାଡ଼ଭଙ୍ଗା ଶୀତ
- ଭୁବନେଶ୍ୱରରେ ୯.୪ ଡିଗ୍ରୀ ରେକର୍ଡ଼

**ଭୁବନେଶ୍ୱର (ଭିଓଭି) :** ଅସମ୍ଭାଳ ଜାଡ଼ରେ ଥରୁଛି ଓଡ଼ିଶା । ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳରେ ମାଇନସ୍‌କୁ ଖସିଛି ପାରଦ । ଫଳରେ ଅସ୍ତବ୍ୟସ୍ତ ହୋଇଛି ଜନଜୀବନ। ସେହିପରି ରାଉରକେଲାରେ ୩.୬ ଡିଗ୍ରୀ ପାରଦ ରେକର୍ଡ କରାଯାଇଛି । ଝାରସୁଗୁଡ଼ାରେ ୪.୬ ଡିଗ୍ରି ରେକର୍ଡ ହୋଇଛି । ଶୀତରେ ୭୨ ବର୍ଷର ରେକର୍ଡ ଭାଙ୍ଗିଛି ପାରଦ । ଭୁବନେଶ୍ୱରରେ ବି ୯.୪ ଡିଗ୍ରୀ ସେଲସିୟସ୍ ରାତି ତାପମାତ୍ରା ରେକର୍ଡ ହୋଇଛି ।



ସୁନ୍ଦରଗଡ ଜିଲ୍ଲା କୋଇଡା ଖଣି ଅଞ୍ଚଳରେ ଭୀଷଣ ତୁଷାରପାତ ଦେଖିବାକୁ ମିଳିଛି । ଏମିତିକି ଲଗାତାର ତିନି ଦିନ ଧରି ଖଣି ଅଞ୍ଚଳରେ ତୁଷାରପାତ ହେଉଛି । ପାଣିପାଗ ବିଭାଗର ଆକଳନ, ଆହୁରି ସପ୍ତାହେ ଯାଏଁ ଜାରି ରହିବ ଜାଡ଼ ।

ସାରା ରାଜ୍ୟରେ ଜାରି ରହିଛି ପ୍ରଚଣ୍ଡ ଶୀତର ପ୍ରକୋପ । ଝାରସୁଗୁଡ଼ାରେ ପୁଣି ରେକର୍ଡ ଥଣ୍ଡା । ସକାଳ ସାଢ଼େ ୫ଟା ସୁଦ୍ଧା ପାରଦ ୫ ଦଶମିକ ୬ ଡିଗ୍ରି ରେକର୍ଡ ହୋଇଛି । ସେହିପରି ରାଜଧାନୀରେ ବି ପାରଦ ତଳମୁହାଁ । ଭୁବନେଶ୍ୱରରେ ୧୧ ଦଶମିକ ୬ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଛି । ସେପଟେ ଆଗାମୀ ୭ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଭୀଷଣ ଥଣ୍ଡା ଜାରି ରହିବା ନେଇ ଆକଳନ କରିଛି ପାଣିପାଗ ବିଭାଗ । ସୁନ୍ଦରଗଡ ଜିଲ୍ଲା କୋଇଡା ଖଣି ଅଞ୍ଚଳରେ ଚଳିତ ବର୍ଷ ଭୀଷଣ ତୁଷାରପାତ ଦେଖିବାକୁ ମିଳିଛି । ଏମିତିକି ଲଗାତାର ତିନି ଦିନ ଧରି ଖଣି ଅଞ୍ଚଳରେ ତୁଷାରପାତ ଜାରି ରହିଛି । ଆଜି ମଧ୍ୟ ପୂର୍ବ ରାତ୍ରି ଭଳି ତାପମାତ୍ରା ୩ ଡିଗ୍ରି ତଳେ ରହିବା ସହ ତୃତୀୟ ଦିନ ମଧ୍ୟ ଭୀଷଣ ତୁଷାରପାତ ଜାରି ରହିଛି । ଯାହା ଫଳରେ କୋଇଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ପ୍ରବଳ ତୁଷାର ଦେଖିବାକୁ ମିଳିଛି । ଖୋଲା ପଡ଼ିଆ, ଗାଡ଼ିର ଉପର ଭାଗରେ ବରଫର ଚାଦର ଢାଙ୍କି ହୋଇଥିବା ଦେଖିବାକୁ ମିଳିଛି । ଫଳରେ ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି ।



# ବର୍ଷକରେ ୧୬୬ ବାଘ ମୃତ

**ଭୁବନେଶ୍ୱର (ଭିଓଭି) :** ଭାରତରେ ବିଶ୍ୱର ସବୁଠୁ ଅଧିକ ବାଘ ରହିଛନ୍ତି। ଭାରତର ବିଶାଳ ବାଘ ସଂଖ୍ୟାରୁ ୨୦୨୫ରେ ୧୬୬ଟିର ମୃତ୍ୟୁ ହୋଇଛି। ଗତବର୍ଷ ତୁଳନାରେ ଏହା ୪୦ଟି ଅଧିକ ବୋଲି ଜଣାପଡ଼ିଛି। ବିଭିନ୍ନ କାରଣରୁ ବାଘଙ୍କ ମୃତ୍ୟୁ ହୋଇଥିବା ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) କହିଛନ୍ତି। ତଥ୍ୟ ଅନୁଯାୟୀ, ବାଘ ସଂଖ୍ୟାରେ ମଧ୍ୟପ୍ରଦେଶ ଦେଶରେ ସର୍ବାଗ୍ରେ ରହିଛି। ଗତବର୍ଷ ଏଠାରେ ସର୍ବାଧିକ ୫୫ଟି ବାଘଙ୍କର ମୃତ୍ୟୁ ହୋଇଥିଲା। ୨୦୨୫ରେ ମହାରାଷ୍ଟ୍ରରେ ୩୮, କେରଳରେ ୧୩ ଏବଂ ଆସାମରେ ୧୨ଟି ବାଘଙ୍କର ମୃତ୍ୟୁ ହୋଇଛି। ୧୬୬ ମୃତ ବାଘଙ୍କ ମଧ୍ୟରେ ୩୧ଟି ଶାବକ ଅଛନ୍ତି। ସ୍ଥାନ ଅଭାବରୁ ନିଜ ନିଜ ମଧ୍ୟରେ ସଂଘର୍ଷରୁ ଅନେକ ବାଘଙ୍କ ମୃତ୍ୟୁ ହେଉଥିବା ବିଶେଷଜ୍ଞମାନେ କହିଛନ୍ତି। ୨୦୨୪ରେ ଭାରତରେ ୧୨୬ଟି ବାଘଙ୍କ ମୃତ୍ୟୁ ହୋଇଥିଲା। ଗତବର୍ଷ ସର୍ବପ୍ରଥମେ ଜାନୁଆରୀ ୨ରେ ମହାରାଷ୍ଟ୍ରର ବ୍ରହ୍ମପୁରୀ ବନଖଣ୍ଡରେ ଏକ ବୟସ୍କ ବାଘ ମୃତ୍ୟୁବରଣ କରିଥିଲା। ଏହାର ତିନି ଦିନ ପରେ ମଧ୍ୟପ୍ରଦେଶର ଏକ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ଗୋଟିଏ ବାଘର ମୃତ୍ୟୁ ହୋଇଥିଲା। ଏନ୍‌ଟିସିଏ ତଥ୍ୟ ଅନୁଯାୟୀ, ଡିସେମ୍ବର ୨୮ରେ ମଧ୍ୟପ୍ରଦେଶର ସାଗରରେ ଗୋଟିଏ ବାଘର ମୃତ୍ୟୁ ହୋଇଥିଲା। ବାଘ ସଂଖ୍ୟା ବୃଦ୍ଧି ଅନୁଯାୟୀ ସେମାନଙ୍କୁ ସ୍ଥାନର ଅଭାବ ରହୁଛି ବୋଲି କୁହାଯାଇଛି। ୨୦୧୪ରୁ ମଧ୍ୟପ୍ରଦେଶରେ ବାଘ ସଂଖ୍ୟା ୬୦ ପ୍ରତିଶତ ବୃଦ୍ଧି ପାଇଥିବା ବନ୍ୟଜନ୍ତୁ ବିଶେଷଜ୍ଞ ଜୟରାମ ଶୁକ୍ଲା କହିଛନ୍ତି। ୨୦୨୩ରେ ଆନ୍ତର୍ଜାତିକ ବ୍ୟାଘ୍ର ଦିବସ ଅବସରରେ ପ୍ରକାଶିତ ତଥ୍ୟ ଅନୁଯାୟୀ ଭାରତରେ ବାଘ ସଂଖ୍ୟା ୨୦୧୮ରେ ୨,୯୬୭ ଥିବାବେଳେ ୨୦୨୨ରେ ଏହା ୩୬୮୨କୁ ବୃଦ୍ଧି ପାଇଛି। ମଧ୍ୟପ୍ରଦେଶରେ ୨୦୧୪ରେ ୩୦୮ଟି ବାଘ ଥିବା ବେଳେ ୨୦୧୮ରେ ୫୨୬ ଓ ୨୦୨୨ରେ ଏହି ସଂଖ୍ୟା ୭୮୫ ରହିଥିଲା।

# Pathways to Zero Carbon Footprint : From Promise to Practice



Nihar Ranjan Acharya

The phrase "Zero Carbon Footprint" often sounds like a distant utopia—something to be achieved by rich nations, future technologies, or glossy climate conferences. But in reality, it is not a dream; it is a direction. A direction humanity must choose consciously, urgently, and collectively.

A carbon footprint represents the total greenhouse gases released by our actions—what we eat, how we travel, how we produce energy, and how we consume. Reducing it to zero does not mean stopping development or returning to caves. It means redefining development—from exploitation to efficiency, from excess to balance.

1. Rethinking Energy: From Fossil to Future


The largest contributor to carbon emissions is energy production. Coal, oil, and gas have powered growth, but at a devastating environmental cost. The pathway forward lies in renewable energy—solar, wind, hydro, and green hydrogen. Rooftop solar panels, community microgrids, and decentralized energy systems can transform consumers into producers, reducing both emissions and dependence.

Energy efficiency is equally powerful. The cleanest energy is the energy we don't waste—through LED lighting, efficient appliances, and smarter buildings.

2. Transport: Moving Without Emissions

Transport is another major carbon culprit. Private vehicles, congested roads, and fossil-fuel dependency choke both cities and lungs. The zero-carbon pathway demands a shift to public transport, electric mobility, cycling, and walkable cities.

Electric vehicles alone are not enough if electricity still comes from coal. Sustainable mobility must integrate clean energy, intelligent urban planning, and behavioral change—less obsession with speed, more respect for space and air.




3. Food, Forests, and Footprints

What we eat matters. Industrial agriculture, excessive meat consumption, and food waste contribute massively to emissions. A climate-conscious plate favors local, seasonal, plant-rich diets and respects farmers who practice sustainable agriculture.

Forests are not carbon credits on paper—they are living carbon sinks. Protecting existing forests is more important than ceremonial plantation drives. One mature tree saved is worth more than ten saplings planted and forgotten.

4. Consumption: Less Is the New Luxury

A zero-carbon future is impossible without addressing overconsumption. Fast fashion, disposable culture, and planned obsolescence silently expand our carbon footprint. The real solution lies in reduce, reuse, repair, and recycle—not as slogans, but as lifestyles.

Sustainable choices are not sacrifices; they are statements of responsibility.

5. Governance and Individual Action

Governments must create policies that reward sustainability and penalize pollution. Industries must move from greenwashing to genuine green transition. But ultimately, the journey to zero carbon is incomplete without individual action—small daily choices multiplied by millions.

The Final Word

Pathways to zero carbon footprint are not single highways; they are interconnected roads—energy, transport, food, forests, and mindset. The question is no longer "Can we do it?" but "Will we choose to?"

The planet does not need our sympathy."It needs our decisions."And the time to act is now, not at the next conference, not in the next decade.

Because a zero-carbon future is not about saving the Earth—"it is about saving ourselves.

Ph. 8249775817
E-Mail: nihar.acharya1973@gmail.com



# When Evidence Becomes a Voice: A Victim-Centric Future for Forensic Justice

**Dr. Pallab Das**
Dean and Associate professor of Law,
Centurion University of Technology and
Management, drpallabd@gmail.com

**Aryottansh Panigrahi**
LLM ( Maritime Law),
Centurion University of Technology and Management,
panigrahiarya190@gmail.com

Forensic science has evolved into one of the most significant aids in the criminal justice system however, its true value is realised only when it serves those,who are most affected by crime, i.e., the victims. A victim-centric approach to forensic science and law necessitates prioritizing the rights, dignity, and emotional well-being of victims throughout every investigative process. In India's evolving legal landscape under the Bharatiya Nyaya Sanhita (BNS), Bharatiya Nagrik Suraksha Sanhita (BNSS) & The Bharatiya Sakshya Adhiniyam (BSA), growing reliability on forensic science and investigative tools makes justice not only more efficient but also more humane.

Victims should not be viewed as mere evidence. They are individuals who are recovering from trauma who deserve respect, support, and closure. Justice begins with the courage to listen. Justice is not only when the criminal is punished, but also when victims feel that their truth has been heard.

Furthermore, forensic science is vital for the timely administration of justice and delay in scientific reports may worsen victim's trauma. Sections 176-179 of BNSS expressly requireforensicexamination and digital investigation for offences punishable with imprisonment for seven years or more.Biological evidence collected during medical examinations under Sections 52 and 184 of the BNSS enables modern DNA profiling techniques, including STR analysis, thereby strengthening forensic accuracy, electronic records under section 63 of BSA along with BNSS Sections 94, 105 strengthen the legal framework for utilising digital forensic material.

The 1995 Tandoor Murder Case (State v. Sushil Sharma) remains a landmark case for the use of DNA evidence and second autopsy. After murdering his wife, Naina Sahni, and attempting to burn her body in a restaurant oven, the accused thought there won't be a trace of evidence left. Yet, DNA analysis confirmed the identity, and second autopsy revealed that cause of death was firearm injuries, in contrast to the first autopsy report which opined that the cause of death was burn injuries.It proved the crime beyond doubt. This case highlighted thateven after death forensic science can uncover the truth, ensuring the victim's voice cannot be silenced.

It is also important that collection of medico-legal evidence is done in such a manner that acknowledges the trauma and mental state of the victim. BNSS Section 184 emphasizes that medical examination must be conducted with the consent of the victimand 176 provides that thevictim's statement must be recorded at location of her choice,prioritizing the victim's comfort and dignity. When these technical procedures are aligned with empathy and professionalism, then process becomesmore transparent and significantly less traumatic for victims thereby boosting their trust in the justice system.

Justice is not merely a courtroom outcome, but it is also a promise and commitment that no victim will be forgotten, no suffering will be dismissed, and no truth will be buried. A victim-centric approach to forensic science ensures that investigation and forensic analysis are not just formal procedures but also respects the victim's identity, dignity, supporting their healing and revealing the real truth. "Forensic science becomes the place where the victim's pain finds

language and justice learn how to listen."




Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra** ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର